# ବିପଦସଙ୍କୁଳ ସୁବର୍ଣ୍ଣରେଖା ଫେରିଘାଟ

ପ୍ରଦୀପ ଦାସ
ଭୋଗରାଇ,୧୯।୯

ବାଲେଶ୍ୱର ଜିଲାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀ ଭୌଗୋଳିକ ଦୃଷ୍ଟିରୁ ଭୋଗରାଇ ଓ ବାଲିଆପାଳ ବ୍ଲକକୁ ବିଚ୍ଛିନ୍ନ କରିଛି। ଉଭୟ ବ୍ଲକର ଅଞ୍ଚଳବାସୀଙ୍କ ଦୈନନ୍ଦିନ ଗମନାଗମନରେ ଏହା ପ୍ରତିବନ୍ଧକ ହୋଇ ରହି ଆସିଛି। ଦକ୍ଷିଣ ଭୋଗରାଇର ୩୨ ପଞ୍ଚାୟତର ଯାତ୍ରୀ ବାଲିଆପାଳ ଓ ବାଲେଶ୍ୱର ସହରକୁ କମ୍ ସମୟରେ ପହଞ୍ଚିବା ପାଇଁ ସୁବର୍ଣ୍ଣରେଖା ପନ୍ତେଇ ଫେରିଘାଟ ଉପରେ ନିର୍ଭର କରିଥାନ୍ତି। ଏହି ଅଞ୍ଚଳରୁ ସଡ଼କ ପଥରେ ବାଲେଶ୍ୱରକୁ ଦୂରତା ପ୍ରାୟ ୯୨କି.ମି. । ପନ୍ତେଇ ଫେରିଘାଟ ପାର ହେଲେ ୧୬ କି.ମି. ଦୂରତା କମ୍ ପଡିଥାଏ। ସେହିପରି ଭିରିକିଟି ସିମୁଳି ସୁବର୍ଣ୍ଣରେଖା ତଟରେ ବାଲିଆପାଳ ଚୌମୁଖ ଓ ପାର୍ଶ୍ୱସ୍ଥ ଗ୍ରାମକୁ ଯିବା ପାଇ ଆଉ ଏକ ଫେରିଘାଟ ରହିଛି। ଏହା ସୁବର୍ଣ୍ଣରେଖା ନଦୀ ମୁହାଣ ଅଞ୍ଚଳ ହୋଇଥିବାରୁ ସବୁବେଳେ ଜୁଆରିଆ ରହିଥାଏ। ଏହି ସ୍ଥାନରେ ଯାତ୍ରୀମାନେ ବିପଦ ସଙ୍କୁଳ ଅବସ୍ଥାରେ ନିତିଦିନ ଯାତ୍ରା କରୁଛନ୍ତି। ଜଳେଶ୍ୱର କୁଆଁରପୁର ଓ ମାକିଡ଼ିଆ-ଦାନ୍ତୁନ ଫେରିଘାଟରେ ମଧ୍ୟ ଅନୁରୂପ ସମସ୍ୟା ଲାଗି ରହିଛି। ଏସବୁ ଫେରିଘାଟରେ ଲାଇଫ୍ ଜ୍ୟାକେଟ୍ ବ୍ୟବହାର ପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଉ ନାହିଁ।

ସାମୁଦ୍ରିକ ଜୁଆର ପ୍ରଭାବ ଯୋଗୁ ସୁବର୍ଣ୍ଣରେଖା ସବୁବେଳେ ପ୍ରାୟତଃ ଅଶାନ୍ତ ରହୁଛି। ବର୍ତ୍ତମାନ ବର୍ଷା ଋତୁରେ ଛୋଟ ଡଙ୍ଗାରେ ନଦୀ ପଥ ପାର ହେବା ବିଷମ ସ୍ଥିତି ସୃଷ୍ଟି କରୁଛି। ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଲୋକେ ଜୀବନକୁ ବାଜି ଲଗାଇ ଛୋଟ ଡଙ୍ଗାରେ ଯାତାୟାତ କରିବାକୁ ବାଧ ହେଉଛନ୍ତି। ପନ୍ତେଇ ଫେରିଘାଟ ନିକଟରେ ନଦୀର ଓସାର ପ୍ରାୟ ଅଧ କି.ମି. । ବନ୍ୟା ସମୟରେ ପ୍ରାୟ ୩ କି.ମି.ରୁ ଊର୍ଦ୍ଧ୍ୱ ଜଳପଥ ଅତିକ୍ରମ କରିବାକୁ ପଡିଥାଏ। ଫେରିଘାଟକୁ ଦିଆଯାଇଥିବା ଦୁଇଟି ଯନ୍ତ୍ର ଚାଳିତ ଡଙ୍ଗା ପରିବହନର ମାଧ୍ୟମ ହୋଇଛି। ଏହାର ମାଲ ପରିବହନ କ୍ଷମତା ୧୪ ଟନ୍‌ରୁ କମ୍ ଥିବାବେଳେ ବେଆଇନ ଭାବେ ପ୍ରାୟ ୫୦ ଟନ୍‌ରୁ ଅଧିକ ମାଲ ପରିବହନ କରାଯାଉଛି। ଥରକେ ୨୦ରୁ ୨୫ ବାଇକ୍, ୧୫ରୁ ୨୦ ସାଇକେଲ, ପନିପରିବା ଆଦି ଲଦା ଯାଇ ୪୦ରୁ ୫୦ ଯାତ୍ରୀ ଙ୍କୁ ବସାଇ ନିଆଯାଉଛି। ଯାତ୍ରୀଭଡା ବାବଦକୁ ୫ଟଙ୍କା, ବାଇକ୍ ପିଛା ୧୦ଟଙ୍କା ଓ ସାଇକେଲ ପ୍ରତି ୫ଟଙ୍କା ଲେଖାଏ ଆଦାୟ କରାଯାଉଛି। ପନ୍ତେଇ ଫେରିଘାଟ ନିଲାମକୁ କେନ୍ଦ୍ର କରି ପ୍ରତିବର୍ଷ ବିବାଦୀୟ ସ୍ଥିତି ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଚଳିତବର୍ଷ ଏହି ଘାଟକୁ ୧୨ ଲକ୍ଷ ଟଙ୍କାରେ ନିଲାମ ଦିଆଯାଇଛି। ଉଲ୍ଲେଖନୀୟ ଯେ, ଏହି ଫେରିଘାଟ ଦେଇ ଦୈନିକ ପ୍ରାୟ ୧୦ହଜାର ଯାତ୍ରୀ ଯାତାୟାତ କରୁଥିଲେ ମଧ୍ୟ ଯାତ୍ରୀଙ୍କ ସୁରକ୍ଷା ଲାଗି ଲାଇଫ ଜ୍ୟାକେଟ ଯୋଗାଇ ଦିଆଯାଉ ନାହିଁ। ଯାତ୍ରୀ ପରିବହନ ବ୍ୟବସ୍ଥାରେ ସୁଧାର ଲାଗି କୌଣସି ପଦକ୍ଷେପ ନିଆ ନ ଯିବା ଉଦ୍‌ବେଗର କାରଣ ହୋଇଛି।

ଏଠାକାର ଉପକୂଳ ଅଞ୍ଚଳବାସୀଙ୍କ ଭାଗ୍ୟ ଏକପ୍ରକାର ନଦୀ ସହ ଯୋଡି ହୋଇ ରହିଛି। କେବଳ ଦକ୍ଷିଣ ଭୋଗରାଇ ଅଞ୍ଚଳ ନୁହେଁ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟ ପୂର୍ବମେଦିନୀପୁର ଜିଲାର କାନ୍ଥି, ରାମନଗର, ଦୀଘା, ପାନପାରୁଲ ଅଞ୍ଚଳର ଯାତ୍ରୀମାନେ ମଧ୍ୟ ଯାତାୟାତ କରୁଛନ୍ତି। ସ୍ଥାନୀୟ ରସଲପୁର ଗ୍ରାମର ଶିବୁ ଜେନା କହିଛନ୍ତି, ଫେରିଘାଟ ଦେଇ ଲୋକେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରୁଥିବା ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଜଣାଇ ନିରାଶ ହୋଇଛନ୍ତି। ରସଲପୁର ଗ୍ରାମର ମନ୍ମଥ ଦଳେଇ, କୁମ୍ଭୀରଗଡ଼ି ଗ୍ରାମର ଅଜିତ୍ ମାଝି, ଭୋଗରାଇ ଗ୍ରାମର ଗୋବିନ୍ଦ ଜେନା ପ୍ରମୁଖ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଣଦେଖା ସମସ୍ୟା ନେଇ ପ୍ରଶାସନକୁ ଦାୟୀ କରିଛନ୍ତି।



ସୁବର୍ଣ୍ଣରେଖା ପନ୍ତେଇ ଫେରିଘାଟରେ ବିପଦସଙ୍କୁଳ ଯାତ୍ରା।

- ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା
- ଛୋଟ ଡଙ୍ଗା, ନାହିଁ ଲାଇଫ ଜ୍ୟାକେଟ
- ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି ଲୋକେ

## ସଂକ୍ଷେପରେ

### ଗୋରୁ ବୋଝେଇ ପିକଅପ୍ ଜବତ, ୨ ଗିରଫ




ଖଇରା,୧୯।୯(ଡି.ଏନ.ଏ): ସୋର -କୁପାରୀ ରାସ୍ତାରେ ଏକ ଟାଟା ଏସି ଗାଡିରେ ୬ଟି ଗୋରୁ ବେଆଇନ ଭାବେ ନିଆଯାଉଥିବା ବେଳେ ତୁଡିଗଡିଆ ବଜାରବାସୀ ଅଟକାଇ ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି। ଖଇରା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୩୦/୧୮)ରୁଜୁକରି ଡ୍ରାଇଭର ମିର ଇମତାଜଙ୍କ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଗୋରୁମାନଙ୍କୁ ନିଆଯାଉଥିବା ବେଳେ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ତୁଟୋ ଗ୍ରାମର କମଳାକାନ୍ତ ମାହାନାଙ୍କ ନେତୃତ୍ୱରେ ସ୍ଥାନୀୟ ବଜାରବାସୀ ଗାନ୍ଧୀଛକ ନିକଟରେ ଗାଡିକୁ ଅଟକାଇ ଖଇରା ପୋଲିସକୁ ଖବର ଦେଇଥିଲେ। ଏଏସଆଇ ପ୍ରଦୀପ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଗାଡି ଓ ଗୋରୁ ଜବତ କରି ଥାନାକୁ ଆଣିଥିଲେ। ଏଠାରେ ପ୍ରକାଶ ଥାଉକି ପ୍ରଶାସନର ଅଙ୍କୁଶ ରହୁ ନ ଥିବାରୁ ବାରମ୍ବାର ଏଭଳି ବେଆଇନ ଗୋରୁଚାଲାଣ ହେଉଥିବା ଅଭିଯୋଗ ହେଉଛି।

### ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଔପଦା,୧୯।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ଔପଦା ବ୍ଲକର ରାଏରାମଚନ୍ଦ୍ରପୁର ପଞ୍ଚାୟତ କେତିକଝୁରି ଗ୍ରାମର ବଙ୍ଗାଳି ଦଣ୍ଡପାଟ (୨୮)ଙ୍କ ଝୁଲନ୍ତା ମୃତଦେହ ମହିଷାଡ଼ାଳି କେନ୍ଦୁପଦା ହାଟ ପଛ ଜଙ୍ଗଲରୁ ଉଦ୍ଧାର ହେବା ବିଷୟ ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମବାସୀଙ୍କ ଦ୍ୱାରା ଥାନାକୁ ଖବର ଦିଆଯିବା ପରେ ଔପଦା ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗାମୁଛାରେ ଫାଶି ଦେଇଥିବା ମୃତଦେହକୁ ଗଛରୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ସୋର ଡାକ୍ତରଖାନାକୁ ପଠାଇଛି। ଔପଦା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କ ସହ ଯୋଗାଯୋଗ କରିବାରୁ ଏନେଇ ତଦନ୍ତ ଚାଲିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ପ୍ରକୃତ ବିଷୟ ଜଣାପଡ଼ିବ ବୋଲି କହିଛନ୍ତି। କେତେକ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ଆଉ କେତେକ ହତ୍ୟା ବୋଲି ସନ୍ଦେହ ପ୍ରକାଶ କରୁଥିବା ଶୁଣିବାକୁ ମିଳୁଛି। ଏହାକୁ ନେଇ ଔପଦା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦।୧୮) ରୁଜୁ ହୋଇଛି।

### ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଅଟକ

ସିମୁଳିଆ,୧୯।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ସିମୁଳିଆ ଥାନା ମଇତାପୁର ପଞ୍ଚାୟତ ଅଧୀନ କମାରପାଟଣା ଅଞ୍ଚଳରେ ନରହରି ଶିଅଳଙ୍କ ସ୍ତ୍ରୀ ଉର୍ମିଳା(୧୯) ମଙ୍ଗଳବାର ମଧ୍ୟାହ୍ନରେ ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ସେ ରୋଷେଇ କରୁଥିବା ବେଳେ ତାଙ୍କ ପିନ୍ଧା ଶାଢୀରେ ନିଆଁ ଲାଗିଯାଇଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୪/୧୮) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା କହିଛି। ଏହି ଘଟଣା ନେଇ ନାନା ସନ୍ଦେହ ପ୍ରକାଶ ପାଇଛି।

### ସାପ କାମୁଡାରେ ମହିଳା ମୃତ

ସୋର,୧୯।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଗୁହାଳଡ଼ିହ ଗ୍ରାମର ସରୋଜିନୀ ନାୟକ ନାମ୍ନୀ ଜଣେ ମହିଳାଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ୧୨ତାରିଖ ସନ୍ଧ୍ୟାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୋର ଡ଼ାକ୍ତରଖାନା ପରେ ଗୁରୁତର ହେବାରୁ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

# ଟ୍ରେନ୍‌ରୁ ଖସି ଯୁବକ ମୃତ

ରୂପସା,୧୯।୯(ଡି.ଏନ.ଏ.)

ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ଓ ହଳଦୀପଦା ରେଳ ଷ୍ଟେଶନ ମଝିରେ ବୁଧବାର ଟ୍ରେନ୍‌ରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଦର୍ଶ ପ୍ରଧାନ (୨୦)। ସେ ଦାର୍ଜିଲିଂ ଶିରୁବାରି ଗାଁର ନଗ୍ରିଫାର୍ମ ଟି ଗାର୍ଡେନ ଅଞ୍ଚଳର ଗୋପାଳ ପ୍ରଧାନଙ୍କ ପୁଅ ବୋଲି ଜଣାପଡିଛି। ତାଙ୍କ ନିକଟରୁ ମିଳିଥିବା ନିଉଜଲପାଇଗୁଡ଼ିରୁ ବାଙ୍ଗାଲୋର ପର୍ଯ୍ୟନ୍ତ ଟ୍ରେନ୍ ଟିକଟ ଓ ଆଧାରକାର୍ଡ଼ରୁ ଏହି ସୂଚନା ମିଳିଛି। ଡାଉନ ଲାଇନ୍‌ରେ ଏହି ଯୁବକ ଜଣକ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିବା ପରେ ଜିଆର୍‌ପିଙ୍କୁ ଖବର ଦିଆଯାଇଥିଲା। ଏକ ମାଲବାହୀ ଗାଡ଼ିରେ ତାଙ୍କୁ ଉଦ୍ଧାର କରି ରୂପ୍‌ସା ଷ୍ଟେଶନରୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଆର୍‌ପି ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୭୭।୧୮) ରୁଜୁ କରାଯାଇଛି।

## ସହାୟତା ଦେଲା ଯୁବ ସ୍ୱାଭିମାନ ମଞ୍ଚ



ପ୍ରହ୍ଲାଦଙ୍କ ପରିବାର ଗହଣରେ ମଞ୍ଚର ସଦସ୍ୟ।

ଖଇରା,୧୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଯୁବ ସ୍ୱାଭିମାନ ମଞ୍ଚ ଗରିବ ଓ ଅସହାୟ ଲୋକଙ୍କୁ ସହାୟତାର ହାତ ବଢାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ନିକଟରେ ସାଦିକପୁର ଗ୍ରାମରେ ସର୍ପାଘାତରେ ଗୁରୁତର ହୋଇପଡିଥିବା କୁଞ୍ଜ ମହାନ୍ତିଙ୍କ ପୁଅ ହରେକୃଷ୍ଣ(୧୨)ଙ୍କ ଚିକିତ୍ସା ପାଇଁ ମଞ୍ଚର ସଦସ୍ୟମାନେ ଘର ଘର ବୁଲି ୧୦,୧୬୦ଟଙ୍କା ଏବଂ ମୃତ ଝିଅ କରିସ୍ମାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫ହଜାର ଟଙ୍କା ଆଦାୟ କରି ପରିବାରକୁ ପ୍ରଦାନ କରିଛନ୍ତି। ସେହିଭଳି ଅମରିଆ ଅଗ୍ନିପୁର ପଞ୍ଚାୟତ ଜେମାଦେଈପାଟଣା ଗ୍ରାମରେ ସାପ କାମୁଡାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ପ୍ରହ୍ଲାଦ ପୃଷ୍ଟିଙ୍କ ପୁଅ ଗୌରାଙ୍ଗଙ୍କ ଚିକିତ୍ସା ପାଇଁ ୫ହଜାର ଟଙ୍କା ପ୍ରଦାନ କରିଛନ୍ତି। ଗତ ୮ତାରିଖ ରାତିରେ କୌଣସି ବିଷଧର ସାପ କାମୁଡିବାରୁ ପ୍ରହ୍ଲାଦଙ୍କ ବଡ ପୁଅ ପ୍ରଶାନ୍ତ ମୃତ୍ୟୁବରଣ କରିଥିବା ବେଳେ ସାନପୁଅ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍କଟାପର୍ଣ୍ଣ ଅବସ୍ଥାରେ ଚିକିତ୍ସା ପାଇଁ କଟକ ବଡଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଞ୍ଚର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସଭ୍ୟ ସୁଶାନ୍ତ ମହାପାତ୍ର, ଗୌତମ ପାତ୍ର, ଲକ୍ଷ୍ମୀ ଶଙ୍ଖୁଆ, ବିକାଶ ରାଉଳ, ଅମିୟ ପୃଷ୍ଟି ପ୍ରମୁଖ ପ୍ରହ୍ଲାଦ ଓ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ଯୌତୁକ ପାଇଁ ବଧୂ ହତ୍ୟା: ଥାନାରେ ମାମଲା

ନୀଳଗିରି, ୧୯।୯ (ଡି.ଏନ.ଏ.)

ନୀଳଗିରି ଥାନା ବାଉଁଶ ବଣିଆ ଗାଁରେ ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ ହୋଇଛି। ପୋଲିସ ମାମାଲା (ନଂ.୨୨୨/୧୮) ରୁଜୁକରି ତଦନ୍ତ ଚଳାଇଛି। ଗତ ୨୦୦୩ରେ ବାଉଁଶ ବଣିଆ ଗାଁର ଭାଗିରଥି ପାତ୍ରଙ୍କ ପୁଅ ସୁଧୀର ସିମୁଳିଆ ଥାନା ବାଘୁଆ ଗାଁର ଗୋପୀନାଥ ନାୟକଙ୍କ ଝିଅ କୁମୁଦିନୀଙ୍କୁ ବିବାହ କରିଥିଲେ। ବିବାହର ୬ମାସ ପରେ ବାପ ଘରୁ ଅଧିକ ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ କୁମୁଦୁନୀଙ୍କୁ ଶାରିରୀକ ମାନସିକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଝିଅଙ୍କ ବାପା ୨୦ହଜାର ଦେଇଥିଲେ ମଧ୍ୟ ଏଥିରେ ଶଶୁର ଘର ଲୋକ ସନ୍ତୁଷ୍ଟ ହୋଇ ନ ଥିଲେ । ପରେ ପରିବାର ଲୋକ ସ୍ଥାନୀୟ ଗାଁ ନିକଟରେ ପୁଅକୁ ଦ୍ୱିତୀୟ ବିବାହ କରାଇଥିଲେ। ଏହାପରେ କୁମୁଦିନୀଙ୍କୁ ଅଧିକ ନିର୍ଯାତନା ଦିଆଯାଇଥିବା ତାଙ୍କ ବାପା ଗୋପୀନାଥ ଅଭିଯୋଗ କରିଛନ୍ତି।



ଗୋପାଳପୁର ବଜାରରେ ପଥପ୍ରାନ୍ତ ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

## ଗୋପାଳପୁରରେ ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ପଦଯାତ୍ରା

ବାହାନଗା,୧୯।୯(ଡି.ଏନ.ଏ.)

ବୁଧବାର ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ମାନଙ୍କର ପଦଯାତ୍ରା ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଦିନ ୧୧ ଟା ସମୟରେ ଗୋପାଳପୁର ବଜାରର ଟେଲିଫୋନ ଭବନ ଠାରୁ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବ୍ଲକ ଗ୍ରାଣ୍ଟ ଶିକ୍ଷକମାନେ ୭ ଦଫା ଦାବି ନେଇ ପଦଯାତ୍ରା ଆରମ୍ଭ କରିଥିଲେ। ବଜାରର ୪ ଦିଗରେ ପଦଯାତ୍ରା କରିବା ପରେ ଶେଷରେ ଗୋପାଳପୁର ବଜାରର ପଣ୍ଡା ମାର୍କେଟ ସାମ୍ନାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ପଥପ୍ରାନ୍ତ ସଭାରେ ଗଜେନ୍ଦ୍ର ପ୍ରସାଦ ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଓଷ୍ଟା ସଂଘର ଅବସରପ୍ରାପ୍ତ ଶିକ୍ଷକ ନେତା ପ୍ରଭାକର ମିଶ୍ର, ଶିକ୍ଷାବିତ ବିଶ୍ୱ ନାଥ ମିଶ୍ର, ପଦ୍ମଲାଭ ଦାଶ, ଶଙ୍କର୍ଷଣ ଶିଅଳ, ସୁଦର୍ଶନ ମହାପାତ୍ର ,ସମେତ ପ୍ରଶାନ୍ତ କୁମାର ରାଉତ, ବ୍ଲକ ସଂଘର ପିତାମ୍ବର ଖିଲାର, ମିଳିତ ସଂଘର ସଂପାଦକ ନିରଞ୍ଜନ ଦାସ, ଲକ୍ଷ୍ମୀଧର ମୁଦୁଲି, ବଳଭଦ୍ର ମିଶ୍ର ପ୍ରମୁଖ ଶିକ୍ଷକ ମାନେ ଯୋଗ ଦେଇ ୭ ଦଫା ଦାବି ସମ୍ପର୍କରେ ସାଧାରଣ ଲୋକ ମାନଙ୍କୁ ଅବଗତ କରାଇ ବା ସହିତ ରାଜ୍ୟ ସରକାର ଙ୍କ ବିରୋଧରେ ସ୍ୱରଉତ୍ତୋଳନ କରିଥିଲେ। ସରକାର ଯଦି ସେମାନଙ୍କ ଦାବି ନ ମାନନ୍ତି ତେବେ ସେମାନେ ନିର୍ବାଚନରେ ସହଯୋଗ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।



କମ୍ପାନୀ ପରିସରରେ ବିଶ୍ୱକର୍ମା ପୂଜା କରାଯାଉଛି।

## ବିର୍ଲା ଟାୟାର୍ସରେ ବିଶ୍ୱକର୍ମା ପୂଜା

ବାଲେଶ୍ୱର ଅଫିସ,୧୯।୯

ବିର୍ଲା ଟାୟାର୍ସ ପରିସରରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାଆରାଧନା ବଡ଼ ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ କମ୍ପାନୀ ପରିସରକୁ ସଜ୍ଜିତ କରାଯାଇଥିଲା। ଦିବସବ୍ୟାପୀ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ସାଙ୍ଗକୁ ସନ୍ଧ୍ୟାରେ ଆୟୋଜିତ ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ଭଜନସନ୍ଧ୍ୟା ଶ୍ରଦ୍ଧାଳୁମାନଙ୍କୁ ଭରପୁର ମନୋରଞ୍ଜନ ଯୋଗାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ବିର୍ଲା ଟାୟାର୍ସର ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ଲାଣ୍ଟ ମୁଖ୍ୟ ରାଜୀବ ଭିର୍ମାନୀ ଉପସ୍ଥିତ ଥିବାବେଳେ ପରିଚାଳନାରେ କର୍ଣ୍ଣେଲ ଗୁରମିତ୍ ସିଂ ଏବଂ ଦେବେନ୍ଦ୍ର କୁମାର ଧଳ ସଂଯୋଜନା କରିଥିଲେ। ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ପୂଜା ଦର୍ଶନ କରିଥିବା ବେଳେ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## ଗାଁ ବୁଲିଲା ଶିକ୍ଷକଙ୍କ ବାଇକ ରାଲି

ଖଇରା,୧୯।୯ (ଡି.ଏନ.ଏ.)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବୁଧବାର ରମେଶ ପୁହାଣଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ହୋଇଥିଲା। ଏଥିରେ ଖଇରା ବ୍ଲକ ଆବାହକ କମିଟି ସଭ୍ୟ ବିଷ୍ଣୁପଦ ମିଶ୍ର, କୈଳାସ ଚନ୍ଦ୍ର ସେଣ୍ଠ, ବସନ୍ତ ସୁତାର, ଶ୍ରୀଧର ପଣ୍ଡା ପ୍ରମୁଖ ଯୋଗ ଦେଇ ବ୍ଲକଗ୍ରାଣ୍ଟ ଉଚ୍ଛେଦ କରି ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ଦାବି କରିଥିଲେ। ପରେ ବାଇକରାଲି ବାଉଁଶଗଡିଆ, କଇଥଗଡିଆ, ନହଙ୍ଗ ଆଦି ପଞ୍ଚାୟତ ବୁଲିଥିଲା। ଏଥିରେ ଖଇରା କଲେଜର ପୂର୍ବତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ଓ ମୁକ୍ତିକାନ୍ତ ଶତ୍‌ପଥୀ, ଜଗଦାନନ୍ଦ ମହାପାତ୍ର, ଅନ୍ତର୍ଯ୍ୟାମୀ ପାତ୍ର, ଦେବେନ୍ଦ୍ର ରାଉତ, କମଳଲୋଚନ ଜେନା, ଦାମୋଦର ସେଣ୍ଠ ପ୍ରମୁଖ ଯୋଗଦେଇ ଶିକ୍ଷକ ସମସ୍ୟାର ସମାଧାନ କରି ବିଦ୍ୟାଳୟଗୁଡିକୁ ସ୍ୱାଭାବିକ କରିବାକୁ ଦାବି କରିଥିଲେ।

## ■ ଖଇରାରେ ମତଦାନ କେନ୍ଦ୍ର

# କାଟିବା ଯୋଡ଼ିବାକୁ ନେଇ ପ୍ରତିକ୍ରିୟା

ଖଇରା,୧୯।୯(ଡି.ଏନ.ଏ.)

ଆଗାମୀ ସାଧାରଣ ନିର୍ବାଚନ ସକାଶେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳରେ ଏଥର ୧୦ ନୂଆ ମତଦାନ କେନ୍ଦ୍ର ଖୋଲିବ ଏବଂ ଗୋଟିଏ କେନ୍ଦ୍ରର ମିଶ୍ରଣ ହେବ ବୋଲି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିବା ଭୋଟ କେନ୍ଦ୍ର ସଂଶୋଧନ ଖସଡାରୁ ଜଣାପଡିଛି। ଅନ୍ୟପକ୍ଷେ ଅକ୍ଟୋବର ୩୦ସୁଦ୍ଧା ଅଭିଯୋଗ ଓ ଆବେଦନ ଦାଖଲ ଲାଗି ନୋଟିସ କରାଯାଇଛି। ଲୋକଙ୍କ ମତାମତକୁ ଗୁରୁତ୍ୱ ଦିଆ ନ ଯାଇ ତାଲିକାରେ କଟା ଯୋଡା କାର୍ଯ୍ୟ କରାଯାଉଥିବାରୁ ଏ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ବ୍ଲକରେ ଗଠିତ ହେଉଥିବା ୧୦ ନୂଆ କେନ୍ଦ୍ର ସକାଶେ ୮ ମତଦାନ କେନ୍ଦ୍ର ଅଧୀନରୁ କେତେକ ଗ୍ରାମକୁ ଅନ୍ୟ କେନ୍ଦ୍ର ଅଧୀନକୁ ନିଆଯାଇଥିବା କୁହାଯାଉଛି। ନୂତନ ମତଦାନ କେନ୍ଦ୍ରଗୁଡିକ ମଧ୍ୟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତର କୃଷ୍ଣଦାସପୁର ପ୍ରାଇମେରୀ (୩୮ଏ), କୁପାରୀ ନୋଡାଲ ସ୍କୁଲ (୬୪ଏ), ଗଡପୋଖରୀ ୟୁପି ସ୍କୁଲ, ନହଙ୍ଗ ନୋଡାଲ ହାଇସ୍କୁଲ, ଅମରିଆ ଅଗ୍ନିପୁର ପଞ୍ଚାୟତର ଅମରିଆ ପ୍ରାଇମେରୀ, ନନ୍ଦୁର ୟୁଜିୟୁପି ସ୍କୁଲ, ମାଖନପୁର ପଞ୍ଚାୟତର ସାଉଁଡିଆ ୟୁଜିୟୁପି ସ୍କୁଲ, ଗରସଙ୍ଗ ପଞ୍ଚାୟତର ବଉଳାଣି ପ୍ରାଇମେରୀ ସ୍କୁଲ, ବରଦା ପଞ୍ଚାୟତର ରସୁଣା ପ୍ରାଇମେରୀ ସ୍କୁଲ, ରପେୟା ପଞ୍ଚାୟତର ନଛିପୁର ପ୍ରାଇମେରୀ ସ୍କୁଲ ରହିଛି। ରସୁଣା ଗ୍ରାମର ଅମରେଶ ପଣ୍ଡା ଏହି ନୂତନ ମତଦାନ କେନ୍ଦ୍ରକୁ ଲୋକେ ସ୍ୱାଗତ କରିଥିବା କହିଛନ୍ତି । ତେବେ ମହତୀପୁର ପଞ୍ଚାୟତର ୪୩୫ ଭୋଟର ଥିବା ୧୧ନମ୍ବର ଗନ୍ଧାଳୀ ପ୍ରାଇମେରୀ ସ୍କୁଲକୁ ୧୨ନମ୍ବର ଫଗୁଣା ୟୁପି ସ୍କୁଲରେ ମିଶାଇ ଦିଆଯାଇଥିବାରୁ ଏ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିବା ସଞ୍ଜୟ ବେହେରା କହିଛନ୍ତି । ସେହିପରି ନରଣପୁର ଗ୍ରାମକୁ ଡଗରପଡା ନୋଡାଲ ସ୍କୁଲ କେନ୍ଦ୍ରରୁ କାଟି ନିଜଓରୁଷ ପ୍ରାଇମେରୀ ସ୍କୁଲ ଅଧୀନକୁ ନିଆଯାଇଛି। ରଣପୁର ଓ ସାନକୁମାରୀ ଗ୍ରାମକୁ ୮୦ନମ୍ବର ବର୍ତ୍ତନା ଏନଆର ନୋଡାଲ ସ୍କୁଲରୁ କାଟି ୮୧ନମ୍ବର ଉଦୟପୁର ପ୍ରାଇମେରୀ କେନ୍ଦ୍ର ଏବଂ ବଗଦିଆ ଗ୍ରାମକୁ ଏନଆର ନୋଡାଲରୁ କାଡିରଟିଶାର ୭୯ନମ୍ବର ଲମ୍ବୋଦର ନୋଡାଲ ସ୍କୁଲ ଅଧୀନକୁ ଅଣାଯାଇଛି । ପୂର୍ବପଡା ଗ୍ରାମର ୬୧୯ଭୋଟରଙ୍କୁ ୯୭ନମ୍ବର ସୁଣ୍ଡିରା ପ୍ରାଇମେରୀ କେନ୍ଦ୍ରରୁ କାଟି ୧୧୮ନମ୍ବର ନୂଆସାହି ପ୍ରାଇମେରୀ କେନ୍ଦ୍ର ଅଧୀନରେ ରଖାଯାଇଛି । ସାରଡାଙ୍ଗ ପଞ୍ଚାୟତର ଆମ୍ବଗଡିଆ ଗ୍ରାମକୁ ୧୧୪ନମ୍ବର ଜିଏନ ନୋଡାଲ ୟୁପି ସ୍କୁଲ କେନ୍ଦ୍ରରୁ ଅଲଗା କରି ୧୧୫ନମ୍ବର ଭୋଗୁପୁର ପ୍ରାଇମେରୀ ସ୍କୁଲ ଅଧୀନକୁ ଅଣାଯାଇଛି । ଆଗରୁ ଗ୍ରାମବାସୀଙ୍କୁ ଅଧ କିମି ଚାଲିବାକୁ ପଡୁଥିବା ବେଳେ ବର୍ତ୍ତମାନ ନୂଆକେନ୍ଦ୍ରର ଦୂରତା ୧କି.ମି.ରୁ ଅଧିକ ହୋଇଥିବାରୁ ଭୋଟରମାନେ ଅସନ୍ତୋଷ ବ୍ୟକ୍ତ କରିଥିବା ଆମ୍ବଗଡିଆ ଗ୍ରାମର ସୁରେଶ ମାଝି କହିଛନ୍ତି । ତେବେ ସଂଶୋଧନ କାର୍ଯ୍ୟ କରାଯାଇ କେନ୍ଦ୍ର ଓ ଭୋଟରଙ୍କ ଚୂଡାନ୍ତ ତାଲିକା ଆସନ୍ତା ଜାନୁୟାରୀ ୫ତାରିଖରେ ପ୍ରକାଶ ପାଇବ ବୋଲି ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ମାୟାଧର ମଲ୍ଲିକ କହିଛନ୍ତି ।

## ବିଜ୍ଞାନ ସେମିନାର: ଜିଲାସ୍ତରକୁ ପ୍ରିୟଙ୍କା ପ୍ରିୟଦର୍ଶନୀ ମନୋନୀତ

ସିମୁଳିଆ,୧୯।୯(ଡି.ଏନ.ଏ.)

ସିମୁଳିଆ ବ୍ଲକ ରଘୁନାରାୟଣ ହାଇସ୍କୁଲରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ୧୨ ବିଦ୍ୟାଳୟରୁ ଜଣେ ଲେଖାଏ ଛାତ୍ରୀଛାତ୍ର ଯୋଗଦେଇଥିଲେ। ମହମ୍ମଦପୁର ନୋଡ଼ାଲ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ପ୍ରଥମ ହୋଇ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ସିମୁଳିଆ କଲେଜର ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଭାତ କୁମାର ନାୟକ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରକାଶ କୁମାର ପଟ୍ଟନାୟକ ବିଚାରକ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲମ୍ବୋଦର ସିଂ ସେମିନାରକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ଚିତ୍ତ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ମାଝି ଏଥିରେ ସହଯୋଗ କରିଥିଲେ ।




ରଘୁନାରାୟଣ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବିଜ୍ଞାନ ସେମିନାର।

## ସଂକ୍ଷେପରେ

### ଭସାଣି ବେଳେ ଅସୁସ୍ଥ ହୋଇ ଯୁବକ ମୃତ

**ପଦ୍ମପୁର,୧୯।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୋବିନ୍ଦପୁର ଗ୍ରାମରେ ମଙ୍ଗଳବାର ଗଣେଶ ଠାକୁର ଭସାଣି ବେଳେ ଜଣେ ଯୁବକ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକଙ୍କ ନାଁ ରତିକାନ୍ତ ମହାନ୍ତି(୨୭)। ସେ ଭସାଣି ବେଳେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନାୟକାଣିଡିହା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୧୮) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

### ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲାପାଳ



**ଭଣ୍ଡାରିପୋଖରୀ,୧୯।୯(ଡି.ଏନ.ଏ.):** ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ବୁଧବାର ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତକୁ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କାଘର ଆଦି ଯୋଜନାରେ ବିଭିନ୍ନ କାର୍ଯ୍ୟ ଦେଖିଥିଲେ। ଜିଲାପାଳଙ୍କ ସହ ଡିଆରଡିଏର ଏପିଡି(ରୁରାଲ ହାଉସିଂ) ଦେବେନ୍ଦ୍ର ପାଣ୍ଡବ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଦାରଖ କରିଥିଲେ।

### ଟିପ୍ପର ମାଲିକ ସଂଘ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା

**ଭଦ୍ରକ ଅଫିସ, ୧୯।୯:** ମଙ୍ଗଳବାର ଭଦ୍ରକ ଡାହାଣୀ ଗଡିଆ ଠାରେ ଥିବା ଭଦ୍ରକ ଜିଲା ୧୦ ଚକିଆ ଟିପ୍ପର ମାଲିକ ସଂଘ କାର୍ଯ୍ୟାଳୟଠାରେ ଦେବଶିଳ୍ପୀ ପଭୁ ବିଶ୍ୱକର୍ମାଙ୍କର ପୂଜା ଅନୁଷ୍ଠିତ ହୋଇଯାଇଛି। ସାଲନ୍ଦୀ ନଦୀରୁ କଳସ ଶୋଭାଯାତ୍ରା ମାଧ୍ୟମରେ ଆସି ଘଟସ୍ଥାପନା ପରେ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଭଦ୍ରକର ଉଭୟ ସମ୍ପ୍ରଦାୟର ସହଯୋଗରେ ଉକ୍ତ ପୂଜାଟି ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ସେକ ସାକିର, ସମ୍ପାଦକ ଦେବରାଜ ବିଶ୍ୱାଳ, ବିଶ୍ୱଜିତ ସାହୁ, ସୁଜିତ ଦାସ, ଦେବୀ ଶଙ୍କର ରାୟ ମହାପାତ୍ର, ମଧୁସୁଦନ ଦିକ୍ଷୀତ, ସେକ ସମଦାନୀ, ରମେଶ ସାହୁ, କିଶୋର ପଣ୍ଡା, ପ୍ରଭାକର ବେହେରା, ଭକ୍ତରଞ୍ଜନ ମଲ୍ଲିକ, ଅମିତାଂଶୁ କିର୍ତ୍ତୀମାନ, ସରୋଜ ଲେଙ୍କା, ଆଦିତ୍ୟ ମହାନ୍ତି, ସୁର ମାଧବ ପାଣୀ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ପୂଜା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

### ସାପ କାମୁଡ଼ାରେ ବୃଦ୍ଧାଙ୍କ ଜୀବନ ଗଲା

**ଭଦ୍ରକ ଅଫିସ,୧୯।୯:** ଚାନ୍ଦବାଲି ବ୍ଲକ ଅଧୀନ ନଳଗୋହିରା ପଞ୍ଚାୟତ ବଡ଼ରୂପା ଗାଁର ପାର୍ବତୀ ଧଳ(୬୫) ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଚିକିତ୍ସା ପାଇଁ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭଦ୍ରକ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଭାଜପାର ମିଶ୍ରଣ ପର୍ବ



**ଧାମନଗର,୧୯।୯(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଧାମନଗର ଏନ୍ଏସି ଏରିଆ ସହିତ ବ୍ଲକର ବିଭିନ୍ନ ପଞ୍ଚାୟତର ବହୁ ଯୁବକ ଏବଂ ଅନ୍ୟ ଦଳର କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଯୁବକର୍ମୀ ପ୍ରୀତମ ଦାସ ନିଜ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଥିଲେ। ଜିଲା ଭାଜପା ସମ୍ପାଦକ ଅଶୋକ ପୁହାଣ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ଉପସଭାପତି ବିଷ୍ଣୁଚରଣ ସେଠୀ, ଜିଲା ପରିଷଦ ସଭ୍ୟ ମନୋଜ ମଲ୍ଲିକ, ସୁରତ ସେଠୀ, ଶହୀଦ ମଣ୍ଡଳ ସଭାପତି ଅଜୟ ବଳ, ଏନ୍ଏସି ପ୍ରଭାରୀ ସୁବାସ ନନ୍ଦ ପ୍ରମୁଖ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ।

# ଲୁଟେରାଙ୍କ ଟାର୍ଗେଟ୍‌ରେ ପୂଜା ବଜାର

**ଭଦ୍ରକ ଅଫିସ,୧୯।୯**

- ସହରରେ ଅଜଣା ଦୁର୍ବୃତ୍ତଙ୍କ ଡେରା
- ପୋଲିସ ପାଉନି ଟେର୍
- ବଢ଼ି ଚାଲିଛି ଚୋରି, ଲୁଟ୍ ଓ ଛିନ୍‌ତାଇ

ପୂଜାବଜାରକୁ ଟାର୍ଗେଟ କରି ଭଦ୍ରକ ଜିଲାରେ ଏଥର ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଉଠିଥିବା ସୂଚନା ମିଳିଛି। ଗତବର୍ଷ ଲୁଟେରାମାନେ ବିଭିନ୍ନ ସ୍ଥାନରେ ଲୁଟ୍‌ତରାଜ ଘଟାଇ ପୋଲିସ ନିଦ ହଜାଇଥିଲେ। ଜିଲା ବାହାର ଅଞ୍ଚଳରୁ କେତେକ ପେସାଦାର ଲୁଟେରା ଆସି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେବା ନଜରକୁ ଆସିଥିଲା। ପୂର୍ବବର୍ଷ ପୋଲିସ କେତେଜଣ ଆନ୍ତଃଜିଲା ଲୁଟେରାଙ୍କୁ ଧରିଥିବା ବେଳେ ଗତବର୍ଷ ଫେଲ୍ ମାରିଥିଲା। ପୂଜା ବଜାର ସମୟରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ଥିବା ସତ୍ତ୍ୱେ ଲୁଟେରାମାନେ ରାଜପଥରେ ରାହାଜାନି ଘଟାଇବା ଏବଂ ବିଭିନ୍ନ ସ୍ଥାନରୁ ଏଟିଏମ୍ ଲୁଟ୍ କରି ପୋଲିସକୁ ଚକ୍‌ମା ଦେଖାଇ ଖସିଯାଇଥିଲେ।

ଐତିହ୍ୟ ଓ ସଂସ୍କୃତିର ସହର ଭଦ୍ରକରେ ଗଣେଶ ପୂଜାଠାରୁ ମା' କାଳୀଙ୍କ ଯାତ୍ରା ଯାଏ ପୂଜା ବଜାର ଲାଗି ରହିଥାଏ। ଏଥର ଶ୍ରୀଗଣେଶ ଏବଂ ବିଶ୍ୱକର୍ମା ପୂଜା ଲାଗି ସାରାସହର ଚଳଚଞ୍ଚଳ ହୋଇଉଠିଛି। ଆଗକୁ ଆସୁଛି ଦଶହରା ଓ କାଳୀପୂଜା ବଜାର। କିଏ ସପିଂ ପାଇଁ ତ ଆଉ କିଏ ପରିବାର ସଦସ୍ୟଙ୍କୁ ନେଇ ମେଢ ବୁଲି ଦେଖିବାକୁ ଆସୁଛନ୍ତି। ସବୁଆଡେ ଗହଳି ଲାଗି ରହିଛି। ଏଭଳି ଭିଡ଼ର ସୁଯୋଗ ନେଇ ପ୍ରତିବର୍ଷ ପୂଜା ବଜାରରେ ଅଜଣା ଦୁର୍ବୃତ୍ତ ଲୋକଙ୍କୁ ଲୁଟିଥାନ୍ତି। ଗତ ଏକ ସପ୍ତାହ ମଧ୍ୟରେ ସହରରେ ଦୁଇଟି ଲୁଟ୍ ଘଟଣା ଘଟିଥିବାରୁ ଏହା ଲୋକଙ୍କୁ ଆତଙ୍କିତ କରିଛି। ସ୍ଥାନୀୟ ଡିଆରଡିଏ କାର୍ଯ୍ୟାଳୟ ରାସ୍ତାରେ କେତେକ ମୁଖାପିନ୍ଧା ଦୁର୍ବୃତ୍ତ ବାଗୁରାଇ ଅଞ୍ଚଳର ଦୀନବନ୍ଧୁ ନାୟକଙ୍କ ପେଟ ଓ ହାତକୁ ହାଣି ଦେଢ ଲକ୍ଷ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟି ନେବାର ୩ ଦିନ ପରେ ଆଉ ଜଣେ ବ୍ୟବସାୟୀଙ୍କଠାରୁ ସହର ମଧ୍ୟଭାଗ ଅପର୍ତ୍ତିବିନ୍ଧା ରାସ୍ତାରୁ ୧ ଲକ୍ଷ ୨୭ ହଜାର ଟଙ୍କା ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଲୁଟିଥିବା ଥାନାରେ ଅଭିଯୋଗ କରାଯାଇଛି। ଟାଉନ ଥାନା ପୋଲିସ ତଦନ୍ତ କରୁଥିଲେ ମଧ୍ୟ ଲୁଟେରାଙ୍କ ଟେର ପାଇନାହିଁ। ଗତବର୍ଷ ପୂଜାବଜାର ସମୟରେ ଭଦ୍ରକ ସହରର ବାଇପାସ ଅଶୋକା ଫ୍ୟାଶନ ବଜାର ସମ୍ମୁଖରୁ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଗାଡି କାଚ ଭାଙ୍ଗି ଦୁର୍ବୃତ୍ତମାନେ ୨ଲକ୍ଷ ଟଙ୍କା ଲୁଟି ନେଇଥିଲେ। ସେ କାର୍ ପାର୍କ କରି ସପିଂ ପାଇଁ ଯାଇଥିବା ବେଳେ ଲୁଟ୍ ଘଟିଥିଲା। ଗଣେଶ ପୂଜାଠାରୁ କାଳୀପୂଜା ମଧ୍ୟରେ ଲଗାତାର ଭାବେ ସହରର ୧୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ଏଭଳି ଲୁଟ୍ ହୋଇଥିଲା। ଏସବୁ ଘଟଣାରେ ଜଣେ ହେଲେ ଲୁଟେରାଙ୍କୁ ଧରି ନ ପାରିବାରୁ ପୋଲିସର ପାରିବା ପଣିଆ ପଦାରେ ପଡ଼ିଥିଲା। ଗତବର୍ଷ ଭଳି ଏଥର ଲୁଟ୍ ଘଟଣାରେ ପୁନରାବୃତ୍ତି ହେବା ପୂର୍ବସୂଚନା ମିଳିଥିବାରୁ ଏହା ପୋଲିସ ଲାଗି ମୁଣ୍ଡବ୍ୟଥାର କାରଣ ହୋଇଛି। ଗତ ୨ ମାସର ଅପରାଧ ରେକର୍ଡକୁ ଅନୁଧ୍ୟାନ କଲେ ଟାଉନ ଓ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଏଟିଏମ କାଉଣ୍ଟରରେ ଗ୍ରାହକଙ୍କଠାରୁ ଲୁଟ୍, ଛିନତାଇ ଓ ଚୋରି ଘଟଣା ସଂଖ୍ୟା ବଢିଥିବା କୁହାଯାଉଛି। ତଦନ୍ତ ଚାଲିଥିଲେ ମଧ୍ୟ ପୋଲିସ ହାତ ଖାଲି ରହିଛି। ଏ ସମ୍ପର୍କରେ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ପଚାରିବାରୁ ପୂଜା ବଜାରକୁ ଆଖି ଆଗରେ ରଖି ସହରରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇ ଦୁର୍ବୃତ୍ତଙ୍କ ଗତିବିଧି ଉପରେ ନଜର ରଖାଯାଇଛି ବୋଲି କହିଛନ୍ତି।

## ମୁମୂର୍ଷୁ ଅବସ୍ଥାରେ ଶ୍ରମିକ ଉଦ୍ଧାର

**ଭଦ୍ରକ ଅଫିସ,୧୯।୯**



ଆହତ ଦିଲୀପ ଝଲିଆ।

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଧୀନ ବଉଳ ପୋଖରୀ ଗ୍ରାମର ଜଣେ ଠିକାଦାରଙ୍କ ଶିଡ଼ି ଘରୁ ୩ ଦିନ ଧରି ଆବଦ୍ଧ ଥିବା ଶ୍ରମିକ ଦିଲୀପ ଝଲିଆଙ୍କୁ ମୁମୂର୍ଷୁ ଅବସ୍ଥାରେ ପୋଲିସ ବୁଧବାର ଉଦ୍ଧାର କରିଛି। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁସାରେ, କେନ୍ଦୁଝର ଆନନ୍ଦପୁର ଅଞ୍ଚଳର ଟାଙ୍ଗର ଗ୍ରାମର ଦିଲୀପ ୬ ମାସ ଧରି ସମ୍ପୃକ୍ତ ଠିକାଦାରଙ୍କ ଅଧୀନରେ ଟ୍ରାକ୍ଟର ଚାଳକ ଭାବେ କାମ କରିଆସୁଥିଲେ। ଠିକାଦାର ତାଙ୍କୁ ଉପଯୁକ୍ତ ପାରିଶ୍ରମିକ ନ ଦେଇ ନିର୍ଯାତନା ଦେଇଆସୁଥିଲେ। ସୋମବାର ରାତିରେ ଠିକାଦାର ଦିଲୀପଙ୍କୁ ମାରଧର କରି ମୁମୂର୍ଷୁ ଅବସ୍ଥାରେ ତାଙ୍କ ଶିଡ଼ି ଘରେ ତାଲା ପକାଇ ରଖିଥିଲେ। ଏ ସମ୍ପର୍କରେ ସ୍ୱୟଂଚାଳିତ ସୁରକ୍ଷା ସଙ୍ଗଠନର କର୍ମକର୍ତ୍ତାମାନେ ଖବର ପାଇ ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କୁ ସୂଚନା ଦେଇଥିଲେ। ଏସ୍‌ଡିପିଓଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମାଞ୍ଚଳ ଥାନା ପୋଲିସ ବୁଧବାର ସେଠାରେ ପହଞ୍ଚି ଦିଲୀପଙ୍କୁ ଉଦ୍ଧାର କରିଥିଲା। ଦିଲୀପଙ୍କ ବୟାନ ଅନୁଯାୟୀ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ଠିକାଦାର ଜଣଙ୍କ ଫେରାର ହୋଇଯାଇଛନ୍ତି।

## 'ସାଂସ୍କୃତିକ ଶୋଭାଯାତ୍ରା ଉପରୁ କଟକଣା ହଟାଅ'

**ଭଦ୍ରକ ଅଫିସ,୧୯।୯**

ଭଦ୍ରକ ଭଳି ଭାଇଚାରାର ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ନାଁରେ ପୋଲିସ ଓ ପ୍ରଶାସନ ପକ୍ଷରୁ ପର୍ବପର୍ବାଣି ତଥା ଭସାଣି ଶୋଭାଯାତ୍ରା ଉପରେ ଲଗାଯାଇଥିବା କଟକଣାକୁ ଉଠାଇବା ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ଭାଜପା ନେତା ପ୍ରଦୀପ ନାୟକଙ୍କ ନେତୃତ୍ୱରେ କର୍ମୀମାନେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଏସପି ରାଜେଶ ପଣ୍ଡିତଙ୍କୁ ଭେଟି ଉଭୟ ସମ୍ପ୍ରଦାୟର ହେଉଥିବା ପର୍ବପର୍ବାଣି ଓ ମହରମର ତାଜିଆ ଶୋଭାଯାତ୍ରା ହେଉ ଅବା ବୁଢା ଗଣେଶ, ଟୋକା ଗଣେଶ, ପିଲା ଗଣେଶ ଶୋଭାଯାତ୍ରା ତଥା ଐତିହାସିକ ଦଶହରା ଓ କାଳୀପୂଜା ସବୁଥିରେ କଟକଣା ଲଗାଯାଇଥିବାରୁ ଏଥିପ୍ରତି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏହି ପ୍ରତିନିଧି ଦଳ ଦାବି କରିଥିଲେ। କୌଣସି ସମ୍ପ୍ରଦାୟ ମଧ୍ୟରେ ଧର୍ମ ଓ ପୂଜାପର୍ବାଣିକୁ ନେଇ ବିବାଦ ଦେଖାଦେଇ ନ ଥିବା ବେଳେ ପୋଲିସ ଓ ପ୍ରଶାସନ ପକ୍ଷରୁ ଉଭୟ ସମ୍ପ୍ରଦାୟର ଧାର୍ମିକ କାର୍ଯ୍ୟକ୍ରମରେ ପ୍ରଶାସନ ଓ ପୋଲିସ ହସ୍ତକ୍ଷେପ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ଏଣୁ ଗଣତନ୍ତ୍ର ନିୟମ ଅନୁସାରେ ସବୁଧର୍ମର ପର୍ବପର୍ବାଣିକୁ ପୂର୍ବପରି ପାଳନ କରିବା ପାଇଁ ଅନୁମତି ପ୍ରଦାନ କରାଯାଉ ବୋଲି ବିଦ୍ୟାଧର ସାହୁ, ଭାଜପାର ୪ଟି ମଣ୍ଡଳ ସଭାପତି ଆଦିକନ୍ଦ ନାୟକ, ପ୍ରଭାକର ସାମଲ, ଉତ୍ତମ ପାତ୍ର, ନାରାୟଣ ସେନାପତି ସମେତ ସପନ ଦାସ, ତନୱେର ଖାନ, ସନ୍ଦୀପ ଲେଙ୍କା ପ୍ରମୁଖ ଭେଟି ଦାବି କରିଛନ୍ତି।

## ୭୦୨ ହିତାଧିକାରୀଙ୍କୁ ଭତ୍ତା

**ଭଣ୍ଡାରିପୋଖରୀ, ୧୯।୯(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷଠାରେ ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ୭୦୨ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତ୍ତା ପ୍ରଦାନ କରାଯାଇଛି। ହିତାଧିକାରୀଙ୍କୁ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ସରୋଜିନୀ ସାହୁଙ୍କ ସଂଯୋଜନାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଣୀତକାନ୍ତ ସାମଲ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ବିଡିଓ ବନମାଳୀ ତରାଇ, ଦକ୍ଷିଣବାଡ ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ବନ୍ଧାଳମଢିଆଳି ସମିତିସଭ୍ୟ ପ୍ରଦୀପ ଜେନା, ମୀନକେତକ ବାରିକ ପ୍ରମୁଖ ଯୋଗଦେଇଥିଲେ।

## ପଲିଥିନ ବ୍ୟବହାର ନିଷେଧ ଉପରେ ଗୁରୁତ୍ୱ

**ଭଦ୍ରକ ଅଫିସ,୧୯।୯**




କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

### ସ୍ୱଚ୍ଛତା କର୍ମଶାଳା

ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛତାକୁ ନେଇ ଚାଲିଥିବା ୨ ଦିନିଆ ସ୍ୱଚ୍ଛାଗ୍ରହ ଏକ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ଜିଲା ସଂସ୍କୃତି ଭବନରେ ଉଦ୍‌ଯାପିତ ହୋଇଯାଇଛି। ସ୍ୱଚ୍ଛତା ଆନ୍ଦୋଳନକୁ ବ୍ୟାପକ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କର୍ମଶାଳାରେ ପଲିଥିନ ବ୍ୟବହାର ନିଷେଧ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କର୍ମଶାଳାର ପ୍ରଥମ ଦିବସ ସୋମବାର ଧାମରାରେ ଅନୁଷ୍ଠିତ ହୋଇଥିଲା। ଧାମରା ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ୭୨ ବିଦ୍ୟାଳୟର ଶିକ୍ଷକଙ୍କୁ ସ୍ୱଚ୍ଛାଗ୍ରହ କାର୍ଯ୍ୟକ୍ରମର ମୂଳତତ୍ତ୍ୱ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀ ପ୍ରଣୟ କୁମାର ନାୟକ ଓ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ ସ୍କୁଲ ସମେତ ନିଜ ପରିବେଶ ସ୍ୱଚ୍ଛ ରଖିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମଙ୍ଗଳବାର ଦ୍ୱିତୀୟ ଦିବସରେ ଜିଲା ସଂସ୍କୃତି ଭବନ ପରିସରରେ ଜିଲାପାଳ ଜ୍ଞାନରଞ୍ଜନ ଦାଶ ଏକ ତୁଳସୀ ବୃକ୍ଷରେ ଜଳଦାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଜିଲା ଶିକ୍ଷାଧିକାରୀ ସଂଗ୍ରାମ କୁମାର ସାହୁ, ଜିଲା ଗ୍ରାମ୍ୟ ପରିମଳ ବିଭାଗର ମୁଖ୍ୟଯନ୍ତ୍ରୀ ଅନ୍ତର୍ଯ୍ୟାମୀ ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ ଦାଶ ରାଜ୍ୟ ସରକାରଙ୍କ ସୁସ୍ଥ ସମାଜ ଗଠନରେ ସ୍ୱଚ୍ଛତାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇବା ସହ ଆଦାନୀ ଫାଉଣ୍ଡେଶନର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ନିଜ ପରିବେଶ ସ୍ୱଚ୍ଛ ରଖିବା ପାଇଁ ପ୍ରଥମେ ପଲିଥିନମୁକ୍ତ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ଶତାଧିକ ସ୍କୁଲର ପ୍ରଧାନ ଶିକ୍ଷକ ଓ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ପଞ୍ଚାୟତସ୍ତରୀୟ ଆନ୍ଦୋଳନ

**ଭଣ୍ଡାରିପୋଖରୀ, ୧୯।୯(ଡି.ଏନ.ଏ.)**




ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ଶୋଭାଯାତ୍ରା।

ଭଣ୍ଡାରିପୋଖରୀ ବ୍ଲକ ସ୍କୁଲ, କଲେଜ ମିଳିତ ମଞ୍ଚର ଆନ୍ଦୋଳନ ପଞ୍ଚାୟତସ୍ତରକୁ ବ୍ୟାପିଛି। ବୁଧବାର ବ୍ଲକଗ୍ରାଣ୍ଟ ଶିକ୍ଷକମାନେ ବାଇକ୍ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା କରି ସରକାରଙ୍କ ଶିକ୍ଷକମାରଣ ନୀତି ବିରୋଧରେ ଗର୍ଜିଥିଲେ। ଶିକ୍ଷକମାନେ ଉଗରପଡା ଉଚ୍ଚ ବିଦ୍ୟାଳୟ, ପିରିପୁର ଉଚ୍ଚ ବିଦ୍ୟାଳୟ, ଶରଦପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଜଳମଣ୍ଡୁଆ ଉଚ୍ଚ ବିଦ୍ୟାଳୟ, ନିର୍ଗୁଣ୍ଡି ମଧ୍ୟଇଂରାଜୀ ବିଦ୍ୟାଳୟ, ବାରିକପୁର କନିଷ୍ଠ ମହାବିଦ୍ୟାଳୟ, ବାରିକପୁର ଡିଗ୍ରୀ ମହାବିଦ୍ୟାଳୟ, ନୟନମଣୀ ମହିଳା ମହାବିଦ୍ୟାଳୟ ପରିକ୍ରମା କରିଥିଲେ। ଭଣ୍ଡାରିପୋଖରୀ ବ୍ଲକ ଓଷ୍ଟାର ସମ୍ପାଦକ ସୁବଳ ଚରଣ ପତ୍ରୀ, ୬୬୨ବର୍ଗ ଭଦ୍ରକ ଜିଲା ସମ୍ପାଦକ ଆଦିତ୍ୟ କୁମାର ଜେନା, ରାଜ୍ୟ ମିଳିତ ମଞ୍ଚର କାର୍ଯ୍ୟକାରିଣୀ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ, ଓଷ୍ଟାର ଭଦ୍ରକ ଜିଲା ସଦସ୍ୟ ମନୋରଞ୍ଜନ ପଣ୍ଡା, ବାରିକପୁର କନିଷ୍ଠ କଲେଜ ଅଧ୍ୟକ୍ଷ ବିପିନ ମହାପାତ୍ର, ଭଣ୍ଡାରିପୋଖରୀ କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣ, ବିରଞ୍ଚି ନାରାୟଣ ସାମଲଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ, କର୍ମଚାରୀବୃନ୍ଦ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଗଣେଶ ଭସାଣି ଶୋଭାଯାତ୍ରା

**ଆରଡ଼ି,୧୯।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କୁଳେଇପଦା ଗାଁରେ ୭ ଦିନ ଧରି ଚାଲିଥିବା ଗଣେଶ ପୂଜା ବୁଧବାର ଶେଷ ହୋଇଛି। ଗ୍ରାମର ଯୁବକମାନଙ୍କ ଦ୍ୱାରା ଭସାଣି ଶୋଭାଯାତ୍ରା କରାଯାଇ ପ୍ରଭୁ ଗଜାନନଙ୍କୁ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା। ପୂଜା କମିଟିର ସଦସ୍ୟ ଚିତ୍ତରଞ୍ଜନ ଖଟୁଆ, ଦେବପ୍ରସନ୍ନ ବିଶ୍ୱାଳ, ସଞ୍ଜୟ ବାରିକ, ସ୍ମୃତିରଞ୍ଜନ ବିଶ୍ୱାଳ, ଚିନ୍ମୟ ବିଶ୍ୱାଳ, ଦୀପକ ରଞ୍ଜନ ନାୟକ, ସୂର୍ଯ୍ୟଦେବ ସାହୁ, ପୂଣ୍ୟଶୋଳ୍କ ବିଶ୍ୱାଳ, ଭବାନୀ ଶଙ୍କର ନାୟକ, ସାରଦା ପ୍ରସନ୍ନ ବିଶ୍ୱାଳ, ସ୍ମୃତିରଞ୍ଜନ ଖଟୁଆ, ଆକାଶ ନାୟକ, ଶଙ୍କର ନାୟକ, ଶ୍ରବଣ ବିଶ୍ୱାଳ ପ୍ରମୁଖ ଶୋଭାଯାତ୍ରାରେ ଯୋଗଦେଇଥିଲେ। ଏହି ଗ୍ରାମର କେତେକ ଯୁବକ ୧୭ ବର୍ଷ ଧରି ପ୍ରଭୁ ଗଜାନନଙ୍କ ପୂଜା ପାଳନ କରିଆସୁଛନ୍ତି। ଝାରସୁଗୁଡ଼ାର ଇବ ନଦୀରୁ ମାସକ ପୂର୍ବରୁ ପୂଣ୍ୟ ଚତୁର୍ଥୀ ତିଥିରେ ମାଟି ଉଠିଥାଏ। ୭ ଦିନ ଧରି ପୂଜା ପାଳିତ ହୋଇଥିଲା। ଅନ୍ତିମ ଦିବସରେ ଗ୍ରାମରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଗ୍ରାମର ଆବାଳ ବୃଦ୍ଧ ବନିତା ଏଥିରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରି ପ୍ରଭୁଙ୍କୁ ବୈତରଣୀ ନଦୀରେ ବିସର୍ଜନ କରାଯାଇଥିଲା। ବିସର୍ଜନ ପୂର୍ବରୁ ଗ୍ରାମର ଯୁବକଙ୍କ ଦ୍ୱାରା ପାରମ୍ପରିକ ବାଡ଼ି ଖେଳ ପରିବେଷିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଗାଁର ଲୋକଙ୍କ ଭିଡ଼ ଜମିଥିଲା।

## 'ଗୌରଚନ୍ଦ୍ରଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି'

**ଭଦ୍ରକ ଅଫିସ,୧୯।୯**

ଭଦ୍ରକର ମହାନ ବିପ୍ଳବୀ କବି, ସାହିତ୍ୟିକ, ସଂଗ୍ରାମୀ ଶତାୟୁ ପୁରୁଷ ଗୌରଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିରେ ଐତିହାସିକ ଗାନ୍ଧୀ ଓଡ଼ିଶା ବାଳାଶ୍ରମରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଗୌରଚନ୍ଦ୍ରଙ୍କ ବିୟୋଗ ଓଡ଼ିଶାର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସଭାରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁ ସେଠୀ, ଶ୍ରମିକନେତା ଅଜୟ ନାୟକ, ତୁଷାରକାନ୍ତି ମହାନ୍ତି, ଶାନ୍ତିଲତା ନାଗ, ଗ୍ରନ୍ଥକାର ପରମାନନ୍ଦ ଦାସ, ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଦିନବନ୍ଧୁ ମିଶ୍ର, ବସୁମିତା ସାହୁ, ହରିହର ମହାନ୍ତି, ପ୍ରଦ୍ୟୋତ ସୁଆର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାଳାଶ୍ରମର ଅଧୀକ୍ଷକ ହୃଷୀକେଶ ମହାନ୍ତିଙ୍କ ସଂଯୋଜନାରେ ଝରଣା ଦାସ, ସୁଧାଂଶୁ ଶେଖର ପଣ୍ଡା, ସୌମ୍ୟରଞ୍ଜନ ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ। ବାଳାଶ୍ରମର ଅନ୍ତେବାସୀମାନେ ଭକ୍ତିସଂଗୀତ ପରିବେଷଣ କରିଥିଲେ। ଉଲ୍ଲେଖନୀୟ ଯେ, ସ୍ୱର୍ଗତ ମହାପାତ୍ର ଶେଷ ପର୍ଯ୍ୟନ୍ତ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ପରିଚାଳନା ସମିତି ସଭାପତି ଥିଲେ।

## ମେଡିକାଲ କଲେଜ ପାଇଁ ନବନିର୍ମାଣ ସେନାର ଶୋଭାଯାତ୍ରା

**ବାସୁଦେବପୁର,୧୯।୯(ଡି.ଏନ.ଏ.)**

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲାର ବିଭିନ୍ନ ବ୍ଲକରୁ ଦାବି ଉଠୁଛି। ଦିନକୁ ଦିନ ଆନ୍ଦୋଳନ ଜୋରଦାର ହେଉଛି। ବୁଧବାର ବାସୁଦେବପୁରରେ ନବନିର୍ମାଣ ସେନା ପକ୍ଷରୁ ଶୋଭାଯାତ୍ରା କରାଯାଇ ଏହି ଦାବି ତୁରନ୍ତ କାର୍ଯ୍ୟକାରୀ କରିବାକୁ ସରକାରଙ୍କ ଉପରେ ଚାପ ପକାଯାଇଛି। ନବନିର୍ମାଣ ସେନାର କର୍ମକର୍ତ୍ତା, ସମର୍ଥକ, ଏ.ବି. କଲେଜ ଛାତ୍ର ଓ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଏକତ୍ର ହୋଇ ଏ.ବି. କଲେଜ ଗେଟ୍ ନିକଟରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଭଦ୍ରକରେ ଉପଯୁକ୍ତ ଭିତ୍ତିଭୂମି ଥିବା ସହ ଏହାର ଆବଶ୍ୟକତା ଥିବାରୁ ଏହି ଦାବିକୁ ସରକାର ତୁରନ୍ତ ସହମତି ପ୍ରଦାନ କରିବାକୁ ବାସୁଦେବପୁରର ବିଭିନ୍ନ ସଙ୍ଗଠନ, ସଂସ୍ଥା ଓ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। ନବନିର୍ମାଣ ସେନା ସଭାପତି ଜୟପ୍ରକାଶ ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା, ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ଡା. ହରେକୃଷ୍ଣ ନାୟକ, କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, ମଧୁସୂଦନ ପାଢ଼ୀ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଓକିଲ ସଂଘ ସଭାପତି ନାରାୟଣ ନାୟକ, ସସ୍ମିତ ମହାନ୍ତି ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




ନବନିର୍ମାଣ ସେନାର କର୍ମକର୍ତ୍ତା ଓ ଅନ୍ୟମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

## ୧୦୨ ଅବରୋଧକାରୀ ଚିହ୍ନଟ: ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ

**ଚାନ୍ଦବାଲି,୧୯।୯(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ ବଜାରରେ ନାଳ ଅବରୋଧ ଯୋଗୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହେଇପାରୁ ନାହିଁ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚାନ୍ଦବାଲି ତହସିଲ ଓ ପୂର୍ତ୍ତ ବିଭାଗର କର୍ମଚାରୀ ଆସି ରାସ୍ତାର କଡ ମାପଚୁପ କରିଛନ୍ତି। ମତୋ ବଜାରର ମୋଟ ୧୦୨ ଜବରଦଖଲକାରୀ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

ମତୋ ବଜାରରେ ଅବରୋଧ ଉଚ୍ଛେଦ ଲାଗି ଭୂଅର୍ଜନ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୭୦୨ରେ ପୂର୍ତ୍ତ ବିଭାଗ ଓ ଚାନ୍ଦବାଲି ତହସିଲକୁ ଗତ ଜୁଲାଇରେ ନିର୍ଦ୍ଦେଶ ଦିଆଯାଇଥିଲା। ଏଯାଏ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରି ନାହିଁ। ମତୋ ପଞ୍ଚାୟତର ୩ ନମ୍ବର ୱାର୍ଡର ବାସିନ୍ଦା ଏ ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରି ତାଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଦୀର୍ଘ ୩ ମାସ ଧରି ବର୍ଷାପାଣି ଜମି ରହି ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏବେ ଲଗାଣ ବର୍ଷା ପରିସ୍ଥିତିକୁ ଅଧିକ ବିଗାଡ଼ି ଦେଇଛି। ଏହି ପରିପ୍ରେକ୍ଷୀରେ ଚାନ୍ଦବାଲି ତହସିଲ ଓ ବ୍ଲକ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ଫେରିବା ପରେ ପମ୍ପ ପକାଇ ପାଣି ଶୁଖାଯାଉଛି। ଭଦ୍ରକ-ଚାନ୍ଦବାଲି ରାସ୍ତା ନିର୍ମାଣ ସମୟରେ ରାସ୍ତାର ଦୁଇକଡ଼ରେ ଥିବା ସରକାରୀ ଜାଗାରେ ପ୍ରାୟ ୫ ଫୁଟ୍ ଚଉଡ଼ାରେ ପୂର୍ବରୁ କଂକ୍ରିଟ ଡ୍ରେନ୍ ତିଆରି ହୋଇଥିଲା। କେତେକ ବ୍ୟକ୍ତି ଏହାକୁ ପୋତି ଦୋକାନ ଘର ତିଆରି କରିବା ସହ ମାଟି, ଇଟା, ପଥରଗୁଣ୍ଡ ପକାଇ ଥିବାରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଏହି ନାଳକୁ ଅବରୋଧମୁକ୍ତ କରିବା ଲାଗି ପ୍ରଶାସନ ପଦକ୍ଷେପ ନେବା ଅଞ୍ଚଳବାସୀଙ୍କୁ ଆଶ୍ୱସ୍ତ କରିଛି।



ମତୋ ସାପ୍ତାହିକ ବଜାରର ଦୁରାବସ୍ଥା ।

## ସ୍ୱଚ୍ଛତା ପକ୍ଷ ପାଳନ

**ଭଣ୍ଡାରିପୋଖରୀ, ୧୯।୯(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷଠାରେ ବ୍ଲକସ୍ତରୀୟ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ବିଡିଓ ବନମାଳୀ ତରାଇ ସଭାପତିତ୍ୱ କରିଥିଲେ। ବ୍ଲକ ପ୍ରଗତି ସହାୟକ ମୀନକେତନ ବାରିକ, ଜୀବିକା ମିଶନ ସଂଯୋଜିକା ବନିତା ଦଳେଇ, କାଞ୍ଚନ ମଲିକ, ସୀମାରାଣୀ ପଣ୍ଡା, ମୋଟିଭେଟର କାହ୍ନୁଚରଣ ମହାନ୍ତି, ସସ୍ମିତା ନାୟକ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ସ୍ୱଚ୍ଛତା ନେଇ ସମସ୍ତ ସରକାରୀ ଯୋଜନାର ଲକ୍ଷ୍ୟ ପୂର୍ଣ୍ଣ ରୂପାୟନ ପାଇଁ ମୋଟିଭେଟରମାନେ ପ୍ରତିଶ୍ରୁତି ଦେଇଥିଲେ।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ ହେବ ।

–ଗୁରୁ ନାନକ



## ସଂକ୍ଷେପରେ

### ଖାନୁଆ ସରପଞ୍ଚ ନିଲମ୍ବିତ



**ବାରିପଦା ଅଫିସ,୧୯ା୯:** ରାଜ୍ୟ ସରକାରଙ୍କ ପଞ୍ଚାୟତ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲା ବଡସାହି ବ୍ଲକ ଖାନୁଆ ପଞ୍ଚାୟତର ସରପଞ୍ଚ ଗୀତାରାଣୀ ସିଂଙ୍କୁ ନିଲମ୍ବିତ କରାଯାଇଛି। ବିଭାଗର ଚିଠି ନଂ ୧୭୪୦୩(୧୭/୪/୨୦୧୮) ରେ ତାଙ୍କୁ ନିଲମ୍ବନ କରାଯାଇଥିବା ଉଲ୍ଲେଖ ରହିଛି। ଗତ ୧୭ ଏପ୍ରିଲରେ ସରପଞ୍ଚ ଗୀତାରାଣି ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଜିଲା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବଡସାହି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯାଇଛି। ୧୮ ତାରିଖ ସୁଦ୍ଧା ଏହି ନିର୍ଦ୍ଦେଶ ଖାନୁଆ ପଞ୍ଚାୟତକୁ ପ୍ରଦାନ କରାଯାଇଥିବା ଜିଲା ପଞ୍ଚାୟତ ଅଧିକାରୀ ଅମୂଲ୍ୟ ପାଣିଗ୍ରାହୀ କହିଛନ୍ତି।

### ଭିନ୍ନକ୍ଷମ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଖୁଣ୍ଟା,୧୯ା୯(ସ୍ୱ.ପ୍ର):** ଖୁଣ୍ଟା ଥାନା ଗିରିଶ୍ଚନ୍ଦ୍ରପୁର ଗ୍ରାମର ଭୀମ ସିଂ(୩୦) ନାମକ ଭିନ୍ନକ୍ଷମ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ଭୀମ ମଙ୍ଗଳବାର ରାତିରେ ଶୋଇଥିବା ବେଳେ ବୁଧବାର ସକାଳୁ ଉଠି ନ ଥିଲେ। ଖୁଣ୍ଟା ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତ ଅଧିକାରୀ ଦୁଖବନ୍ଧୁ ମାଝୀ କହିଛନ୍ତି । ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୨୭/୧୮) ରୁଜୁ ହୋଇଛି ।

### ଆଦିବାସୀ କଂଗ୍ରେସ ଉପାଧ୍ୟକ୍ଷଙ୍କ ନାମ ଘୋଷଣା

**ବିଶୋଇ,୧୯ା୯ :** ଅଖିଳ ଭାରତୀୟ କଂଗ୍ରେସ କମିଟି ଆଦିବାସୀ କଂଗ୍ରେସ ର ଅନୁମୋଦନ କ୍ରମେ ମୟୂରଭଞ୍ଜ ଜିଲାର ୪ ଗୋଟି ଉପଖଣ୍ଡ ରେ ଆଦିବାସୀ କଂଗ୍ରେସ କମିଟିର ଉପାଧ୍ୟକ୍ଷ ଙ୍କ ନାମ ଘୋଷଣା କରାଯାଇଛି । ଜିଲାର ବାମନଘାଟୀ(ରାଇରଙ୍ଗପୁର) ଉପଖଣ୍ଡ ର ଛଟରାୟ ମୁର୍ମୁ, ପାଞ୍ଚପୀଢ଼ ଉପଖଣ୍ଡରେ ତ୍ରିଲକେଶ୍ୱର ନାଏକ, କପ୍ତିପଦା ଉପଖଣ୍ଡରେ ଦୁଖିଶ୍ୟାମ ମୁର୍ମୁ, ସଦର ଉପଖଣ୍ଡରେ ଦିଲ୍ଲୀପ ନାଏକ ପ୍ରମୁଖ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି । ନୂତନ ଭାବରେ ପାଇଥିବା ଏହି ଉପାଧ୍ୟକ୍ଷ ସଦସ୍ୟମାନଙ୍କୁ ମୟୂରଭଞ୍ଜ ଜିଲା ଆଦିବାସୀ କଂଗ୍ରେସ କମିଟି ସଭାପତି ଚୈତନ୍ୟ ହାଁସଦା ଶୁଭେଚ୍ଛା ଜଣାଇଛନ୍ତି ।

### ରାମଚରିତ ମାନସ




**ଭଞ୍ଜକିଆ,୧୯ା୯:** ରରୁଆଁ ବ୍ଲକ ଅଧୀନ ଭଞ୍ଜକିଆ ଫ୍ରେଣ୍ଡ ଆଇଟିସି ଆନୁକୂଲ୍ୟରେ ରାମଚରିତ ମାନସ ପ୍ରବଚନ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ରୁଣ୍ଡ ହୋଇଥିଲେ। ସମ୍ପାଦକ ଅଭିମନ୍ୟୁ ମହାନ୍ତ, ସଭାପତି ବିପିନ ବିହାରୀ ମହାନ୍ତ, ଅଧ୍ୟକ୍ଷ ଦେବାଶିଷ ମହାନ୍ତଙ୍କ ପୌରୋହିତ୍ୟରେ ପୁରୀଧାମରୁ ଆସିଥିବା ପ୍ରସିଦ୍ଧ ପ୍ରବଚିକା ସରୋଜିନୀ ଦେବୀ ରାମଚରିତ ମାନସର ସୁନ୍ଦରାକାଣ୍ଡ ପ୍ରବଚନ ଶୁଣିଥିଲେ। ଏଥିରେ ପୁଷ୍ପକ ବାରିକ, ସରୋଜ ମହାନ୍ତ, ମାନସ ମହାକୁଡ଼, ରାଜ କୁମାର ମହାନ୍ତ, ରଞ୍ଜନ ମହାନ୍ତ, ସୁଶାନ୍ତ ମହାକୁଡ ପ୍ରମୁଖ ସହଯୋଗ କରିଥିଲେ।

### 'ନୈତିକତା, ଚରିତ୍ର ନିର୍ମାଣ' ଆଲୋଚନାଚକ୍ର

**ବାରିପଦା ଅଫିସ,୧୯ା୯:** ଜାତୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ସୁପ୍ରିମ ୱେଲଫେୟାର ସୋସାଇଟି ଦ୍ୱାରା ବାରିପଦାସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ପ୍ରୋଜେକ୍ଟ ବିଦ୍ୟାଳୟରେ 'ନୈତିକତା ଓ ଚରିତ୍ର ନିର୍ମାଣ' ଶିର୍ଷକରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂ ଏବଂ ରାଖାଲଗୋପ ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଚରିତ୍ର ନିର୍ମାଣ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସାଂସ୍କୃତିକ ମିଳନ ପର୍ବ–ଇନ୍ଦ୍ର ଉତ୍ସବ

**ବହଳଦା,୧୯ା୯(ଡି.ଏନ.ଏ.)**

ସ୍ୱାଭାବିକ ବର୍ଷା ଓ ଫସଲ ପାଇଁ ମୟୂରଭଞ୍ଜ ଜିଲା ବହଳଦାରେ ପାଳିତ ହେଉଥିବା ଇନ୍ଦପରବ ବା ଇନ୍ଦ୍ର ଉତ୍ସବର ଏକ ନିଆରା ଆକର୍ଷଣ ରହିଛି। ଏଥର ଗୁରୁବାର ଭାଦ୍ରବ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଏହି ଉତ୍ସବ ପାଳନ ଲାଗି ପ୍ରସ୍ତୁତି ଚୂଡାନ୍ତ ହୋଇଥିବାରୁ ଏଠାରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଓଡିଶାର ଅନ୍ୟ କୌଣସି ସ୍ଥାନରେ ଏଭଳି ପୂଜା ପରମ୍ପରା ଦେଖିବାକୁ ମିଳେ ନାହିଁ । ଅନେକ ଏହାକୁ ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟର ସାଂସ୍କୃତିକ ମିଳନ ଉତ୍ସବ ବୋଲି କହିଥାନ୍ତି।

ପ୍ରତି ବର୍ଷ ଏହି ପର୍ବ ପାଇଁ ସପ୍ତପୁରୀ ଅମାବାସ୍ୟା ପରେ ଆବଶ୍ୟକ ହେଉଥିବା ଶାଳଗଛ ଚୟନ କରାଯାଇଥାଏ । ଏଥର ରାଜପୁରୋହିତ ଅଶୋକ କୁମାର ସାମନ୍ତରାୟଙ୍କ ନେତୃତ୍ୱରେ ମନ୍ଦିର ପୂଜକ, ସେବାୟତ ଓ ପରିଚାଳନା କମିଟିର ସଭ୍ୟମାନେ ସ୍ଥାନୀୟ ଜଙ୍ଗଲରେ ଶାଳଗଛ ଚୟନ କଲା ପରେ ଏହାକୁ ପୂଜାର୍ଚ୍ଚନା କରାଯାଇଥିଲା। ବନ ବିଭାଗ ଅଧିକାରୀଙ୍କ ଅନୁମତି ପରେ ଗଛ କଟା ଯାଇ ସ୍ଥାନୀୟ ଇନ୍ଦ ପଡିଆ(ଇନ୍ଦତାଣ୍ଡି) କୁ ଅଣାଯାଇଥିଲା। ଏହି ଉତ୍ସବରେ ବାଉଁଶ ନିର୍ମିତ ଛତା ଆକୃତିର ଏକ ଛତ୍ର ଶୋଭା ପାଇଥାଏ। ବଂଶାନୁକ୍ରମିକ ଭାବେ ତାରଣା ବେହେରା ପରିବାର ଏହି ଛତ୍ର ଯୋଗାଇ ଆସୁଛନ୍ତି । ବୁଧବାର ଦଶମୀ ତିଥିରେ ଏହି ଉତ୍ସବ ପାଇଁ ପ୍ରାରମ୍ଭିକ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାକୁ ଅଧାସର୍ଗୀ କୁହାଯାଏ । ବାଉଁଶରେ ତିଆରି ଶୁଭ୍ର ବସ୍ତ୍ରରେ ଆବୃତ୍ତ ଛତ୍ରକୁ ପୂଜାର୍ଚ୍ଚନା ପରେ ବହୁ ଭକ୍ତଙ୍କ ସମାବେଶରେ ଶାଳଗଛ ଗଣ୍ଡିର ଅଗ୍ରଭାଗରେ ବନ୍ଧାଯାଇଥିଲା। ଗୁରୁବାର ଏକାଦଶୀ ସନ୍ଧ୍ୟାରେ ସ୍ଥାନୀୟ ବଜାରରେ ଥିବା ଗୌରାଙ୍ଗ ମନ୍ଦିରରୁ ରାଧାକୃଷ୍ଣ ବିଗ୍ରହକୁ ଇନ୍ଦ ପଡିଆ ନିକଟସ୍ଥ ମା' କୀଚକେଶ୍ୱରୀଙ୍କ ମନ୍ଦିରକୁ ଅଣାଯିବ। ଏଥିଲାଗି ରାଜପୁରୋହିତ ଓ ୮ଜଣ ବୈଦିକ ବ୍ରାହ୍ମଣ ପାରମ୍ପରିକ ବାଦ୍ୟ ସହ ମା'ଙ୍କ ଆଜ୍ଞାମାଳ ନେଇ ଶୋଭାଯାତ୍ରାରେ ଇନ୍ଦପଡିଆରେ ପହଞ୍ଚିବେ। ଅନ୍ୟ ବର୍ଷ ଭଳି ଚଳିତ ବର୍ଷ ପୂଜାମଣ୍ଡପରେ ଇନ୍ଦ୍ରଙ୍କ ମୃଣ୍ମୟ ମୂର୍ତ୍ତି ସହ ଗୋବିନ୍ଦ, ରାଧାକୃଷ୍ଣ, ଅଷ୍ଟକୁଳ ନାଗନାଗୁଣୀ,ନବଗ୍ରହ,ଦଶଦିଗପାଳ ଓ ସାବିତ୍ରୀ ମଣ୍ଡଳ ପୂଜା କରାଯିବା କାର୍ଯ୍ୟକ୍ରମ ରହିଛି । ପୂଜା ଶେଷରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ମୋଟା ଦଉଡିରେ ବନ୍ଧା ହୋଇଥିବା ଛତ୍ରକୁ ଉତ୍ତୋଳିତ କରିଥିଲେ। ଜନଶ୍ରୁତି ଅଛି ଯେ, ଆଗରୁ ଭଞ୍ଜ ରାଜାଙ୍କ ରାଜଧାନୀ ଥିଲା । ସେତେବେଳେ ରାଜାଙ୍କ ପୃଷ୍ଠପୋଷକତାରେ ଇନ୍ଦ୍ର ଉତ୍ସବ ମେଳା ମାସାଧିକ କାଳ ଧରି ଚାଲୁଥିଲା । ବର୍ତ୍ତମାନ ଏହି ମେଳା ୨ ଦିନ ଧରି ଅନୁଷ୍ଠିତ ହେଉଛି। ଉତ୍ସବରେ ଯୁବତୀଯୁବକ କରମ ନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖଣାହାରିଙ୍କ ଲାଗି ଆକର୍ଷଣ ହୋଇ ରହିଛି।

ମା' ବାଳିକା ବେଶରେ ମେଳାକୁ ବୁଲିବା ପାଇଁ ଆସି ଶଙ୍ଖାରି ଠାରୁ ପୂଜାରୀଙ୍କ ଝିଅର ପରିଚୟ ଦେଇ ଶଙ୍ଖା ପିନ୍ଧିବା ଆଜି ବି ଜନମାନସରେ ଏକ ଚର୍ଚ୍ଚିତ କଥା । ଇନ୍ଦ ପରବ ସହ କରମପର୍ବ, ଜାମଦା ପାଖଣାପାଟ ର ଜାନ୍ତଲ ଅଙ୍ଗାଙ୍ଗୀ ଭାବେ ଜଡିତ । ବଣଜଙ୍ଗଲଘେରା ପାହାଡ ତଳି ଗାଁର ଲମ୍ବାଲମ୍ବା ଶାଳ ଗଛ ଛାଇ ମିଶା ଜହ୍ନ ଆଲୁଅରେ ମାଦଳ ଓ ନାଗରାର ତାଳେ ତାଳେ ମସଗୁଲ ହୋଇଯାଇଥାନ୍ତି।

**ନିଆରା ପର୍ବ**



କିଚକେଶ୍ୱରୀ ମନ୍ଦିର ପୂଜକ ଛତା ନେଇ ଇନ୍ଦ ପଡ଼ିଆକୁ ଯାଉଛନ୍ତି।

■ଇନ୍ଦ୍ର ଉତ୍ସବ ଲାଗି ବହଳଦା ଉତ୍ସବମୁଖର

■ଅଧାସର୍ଗୀ ପୂଜା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ

### ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

**ବଡସାହି,୧୯ା୯(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ଗଜଡିହି ଗ୍ରାମର ସର୍ବେଶ୍ୱର ମଢେଇଙ୍କ ଝିଅ ମାମା(୧୩)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ବୈଦ୍ୟପୁରସ୍ଥିତ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟର ୭ମ ଶ୍ରେଣୀ ଛାତ୍ରୀ ଥିଲେ। ସ୍କୁଲ ପରିସରରେ ଥିବା ଆଦିବାସୀ ଛାତ୍ରୀ ନିବାସରେ ସେ ରହୁଥିଲେ। ଗତ ସୋମବାର ତାଙ୍କ ସ୍ୱାସ୍ଥ୍ୟ ବିଗିଡିବାରୁ ସ୍କୁଲ କର୍ତ୍ତୃପକ୍ଷ ଚିକିତ୍ସା କରାଇଥିଲେ । ମାତ୍ର କୌଣସି ଉନ୍ନତି ନ ହେବାରୁ ପରିବାର ଲୋକେ ପହଞ୍ଚି ତାଙ୍କୁ ଘରକୁ ନେଇଯାଇଥିଲେ । ମାତ୍ର ମଙ୍ଗଳବାର ରାତିରେ ବାନ୍ତି ହେବାରୁ ତାଙ୍କୁ ବଡସାହି ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଛାତ୍ରୀଙ୍କ ନାକ ଓ ପାଟିରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି । ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜ ପଠାଇଛି । ଏନେଇ ଅପମୃତ୍ୟୁ ମାମଲା (ନଂ ୩୦/୧୮) ରୁଜୁ ହୋଇଛି।

## ଆଶାୟୀ ହିତାଧିକାରୀଙ୍କୁ ଉପେକ୍ଷା

**ମୋରଡା, ୧୯ା୯**

ରାସଗୋବିନ୍ଦପୁର ବ୍ଲକର ଗଡିଘାଟି ପଞ୍ଚାୟତ ଅଧୀନ ବରହମପୁରା ଗ୍ରାମରେ ଅଧିକାଂଶ ବୃଦ୍ଧାବୃଦ୍ଧଙ୍କ ପାଇଁ ଭତ୍ତା ସାତସପନ ପାଲଟିଛି। ବୟସର ସାୟାହ୍ନରେ ପହଞ୍ଚିଥିବା ଏହି ବୃଦ୍ଧାବୃଦ୍ଧଙ୍କ ଅଣ୍ଟା ବାଙ୍କି ଯାଇଥିବା ବେଳେ ସଳଖି ଠିଆ ହେବାକୁ ଯୁ ନାହିଁ। ଏହାସତ୍ତ୍ୱେ କାଳେ ଭତ୍ତାଟିଏ ମିଳିଯିବ ଭାବି ସେମାନେ ବାଡି ଧରି ଗୋଟିଏ ଅଫିସରୁ ଆଉ ଗୋଟିଏ ଅଫିସ ଦୌଡୁଛନ୍ତି। ହେଲେ କୌଣସି ସୁଫଳ ମିଳୁ ନ ଥିବାରୁ ଭତ୍ତା ଆଶା ସେମାନେ ଏବେ ଛାଡିଲେଣି।

ବରହମପୁରା ଗ୍ରାମର ତିଲୋତ୍ତମା ସାମଲ । ବୟସ ୯୫ । ଠିକ୍ ଭାବେ ଚାଲି ପାରୁ ନ ଥିବା ବେଳେ ବାଡ଼ି ହିଁ ତାଙ୍କ ସାହାରା ପାଲଟିଛି । ହେଲେ ଆଜି ପର୍ଯ୍ୟନ୍ତ ସେ ଭତ୍ତା ପାଇପାରି ନାହାନ୍ତି। ଉକ୍ତ ଗ୍ରାମର ମାଧୁରୀ ଜେନାଙ୍କ ବୟସ ୬୫ ହୋଇଥିବା ବେଳେ ସେ ମଧ୍ୟ ଅଦ୍ୟାବଧି ଭତ୍ତାରୁ ବଞ୍ଚିତ ଅଛନ୍ତି । ଅନ୍ୟ ଜଣେ ହିତାଧିକାରୀ ହେଲେ ୮୦ ବର୍ଷୀୟା ଶାନ୍ତିଲତା ସାମଲ । ହେଲେ ସେ ଏବେ ମାତ୍ର ୩୦୦ ଟଙ୍କା ଭତ୍ତା ପାଉଛନ୍ତି । ଏହି ହିତାଧିକାରୀ ବାରମ୍ବାର ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ଆବେଦନ କରି ମଧ୍ୟ କୌଣସି ସୁଫଳ ପାଇ ପାରି ନାହାନ୍ତି। ନିୟମ ଅନୁଯାୟୀ ୫୦୦ ଟଙ୍କା ଭତ୍ତା ମିଳିବା ପରିବର୍ତ୍ତେ ୩୦୦ ମିଳୁଥିବା କ୍ଷୋଭର ସହ କହିଛନ୍ତି ଶାନ୍ତିଲତା। ଏନେଇ କିନ୍ତୁ ପଞ୍ଚାୟତ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି । ପରିଣତ ବୟସରେ ତିନି ଚାରି ଥର ପଞ୍ଚାୟତକୁ ବାଡ଼ି ଧରି ଯାଇ ଭତ୍ତା ପାଇଁ ଆବେଦନ କରିଥିଲେ । କେତେ ଦିନ ଆଉ ବଞ୍ଚିବି ଯେ ଏତେ ଦୌଡିବି ବୋଲି ଦୁଃଖର ସହ କହିଛନ୍ତି ତିଲୋତ୍ତମା । ବାରମ୍ବାର ଭତ୍ତାର ସପନ ଦେଖାଇ ପଞ୍ଚାୟତ ଅଧିକାରୀ କହୁଛନ୍ତି ଏଇଥର ମିଳିଯିବ । ଏହି ଭଳିଆ ଶୁଣି ଶୁଣି ଏବେ ଆଉ ଭତ୍ତାର ଆଶା ଛାଡ଼ି ଦେଇଛନ୍ତି ଏହି ହିତାଧିକାରୀମାନେ । ଏହି ଗ୍ରାମରେ ଅନେକ ଯୋଗ୍ୟ ବୃଦ୍ଧ ବ୍ୟକ୍ତି ଭତ୍ତାରୁ ବଞ୍ଚିତ ଅଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । କିପରି ତୁରନ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଶୀଘ୍ର ମିଳିପାରିବ ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।



ଭତ୍ତାକୁ ଅନାଇ ନିରାଶ ହୋଇଥିବା ବୃଦ୍ଧାମାନେ।

## 'ପରୀକ୍ଷା ତାରିଖ ଘୁଞ୍ଚାଅ'



ପରୀକ୍ଷା ନିୟନ୍ତ୍ରକଙ୍କୁ ଦାବି ଜଣାଇବାକୁ ଆସିଥିବା ଛାତ୍ରୀଛାତ୍ରମାନେ ।

**ବାରିପଦା ଅଫିସ,୧୯ା୯**

ବାରିପଦା ତକତପୁରସ୍ଥିତ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ନଭେମ୍ବର ୧୨ ରେ ତୃତୀୟ ସେମିଷ୍ଟାର ପରୀକ୍ଷା ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ଏଯାଏ ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ ପାଇ ନାହିଁ। ତେଣୁ ସେମିଷ୍ଟାର ପରୀକ୍ଷା ତାରିଖ ଘୁଞ୍ଚାଇବାକୁ ଦାବି କରିଛନ୍ତି ଛାତ୍ରୀଛାତ୍ର। ଏନେଇ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ ଓ ବାଇଗଣବାଡିଆ କଲେଜର ଛାତ୍ରୀଛାତ୍ରମାନେ ବୁଧବାର ମିଳିତ ଭାବେ ପରୀକ୍ଷା ନିୟନ୍ତ୍ରକ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ଗତ ଜୁଲାଇରେ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ହୋଇଥିଲା। ହେଲେ ଏଯାଏ ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟାର ଫଳ ପ୍ରକାଶ ପାଇନାହିଁ। ଏପରିସ୍ଥଳେ ତୃତୀୟ ସେମିଷ୍ଟାର ପରୀକ୍ଷା ଦେବା ଲାଗି ସେମାନେ ପ୍ରସ୍ତୁତ ହୋଇ ନ ଥିବା ଛାତ୍ରୀଛାତ୍ର ଅଭିଯୋଗରେ ଦର୍ଶାଇଛନ୍ତି । । ବାରିପଦା କଲେଜର ସାନନ୍ଦ କୁମାର ଦାସ, ଅରିଜିତ ମିଶ୍ର, ସୁମନ୍ତ ପାତ୍ର, ସରକାରୀ ମହିଳା ମହାବିଦ୍ୟାଳୟର ପ୍ରତ୍ୟୁଶା ବେହେରା, ଅଞ୍ଜନା ବେହେରା, ଲିପସା ଦାସ ଏବଂ ବାଇଗଣବାଡିଆ କଲେଜର ପବିତ୍ର ଗିରି, ସିଲୋନି ବାରିକ ଏବଂ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

### ରେଡକ୍ରସ ଚିହ୍ନ ସମ୍ପର୍କିତ ସଚେତନତା କର୍ମଶାଳା

**ବାରିପଦା ଅଫିସ,୧୯ା୯**

ଜିଲା ରେଡକ୍ରସ ସୋସାଇଟି ଏବଂ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାପାଳଙ୍କ ସଦଭାବନା ସଭାଗୃହରେ ରେଡକ୍ରସ ଚିହ୍ନ ସମ୍ପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ପୁରବୀ ମହାନ୍ତି, ଜିଲା ରେଡକ୍ରସ ସମ୍ପାଦକ ସୁଯୋଗ କୁମାର ପତି, ଜିଲା ରେଡକ୍ରସର ଜିଲା ପରାମର୍ଶଦାତା ତଥା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ.ବନଜା ମହାନ୍ତି,ରାଜ୍ୟର ରିସୋର୍ସ ପର୍ସନ ଡ.ରାଜେଶ କୁମାର ସାହୁ, ଗୁଲସନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରେଡକ୍ରସ ଚିହ୍ନର ତାତ୍ପର୍ଯ୍ୟ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହାଛଡା ରିଲିଫ ଏବଂ ଚିକିତ୍ସା ସେବା କମିଟି ତଥା ସାମରିକ ଚିକିତ୍ସକ ଦଳକୁ ସହଜରେ ଚିହ୍ନିବା ପାଇଁ ଏବଂ ସୁରକ୍ଷା ଦେବା ପାଇଁ ୧୮୬୪ମସିହାରେ କୂଟନୈତିକ ସମ୍ମିଳନୀରେ ରେଡକ୍ରସ ଚିହ୍ନକୁ ଗ୍ରହଣ କରାଯାଇଥିଲା। ଯୁଦ୍ଧଦ୍ୱାରା ଗୁରୁତର ସୈନିକ ତଥା ଅନ୍ୟ ପ୍ରଭାବିତଙ୍କୁ ଅତ୍ୟାବଶ୍ୟକ ସେବା ସୁଶ୍ରୁଷା ଯୋଗାଇ ଦେବା ଲକ୍ଷ୍ୟରେ ଏହି ଚିହ୍ନକୁ ଗ୍ରହଣ କରାଯାଇଥିଲା ବୋଲି ଆଲୋଚନା କରାଯାଇଥିଲା।

### ଆଞ୍ଚଳିକ ଚେତନା ପରିଷଦର ବାର୍ଷିକ ଉତ୍ସବ

**ବାଲିଆପାଳ,୧୯ା୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ବିଷ୍ଣୁପୁର ପଞ୍ଚାୟତ ନୟାବଲି ଗ୍ରାମସ୍ଥିତ ଆଞ୍ଚଳିକ ଭାଗବତ ଚେତନା ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପଣ୍ଡିତ ଶ୍ୟାମସୁନ୍ଦର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ରଘୁନାଥ ଆଚାର୍ଯ୍ୟ, ଭାଜପା ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ, ପରେଶ କର, ରବୀନ୍ଦ୍ର ଦାସ, ଗୋପୀନାଥ ଖିଲାର, ନିତ୍ୟାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଭାସ୍କର ସାହୁ, ସନ୍ନ୍ୟାସୀ ରଣା ପ୍ରମୁଖ ଯୋଗ ଦେଇଥିଲେ । ପରିଷଦର ଉପସଭାପତି ଗୌରାଙ୍ଗ ଚରଣ ଦାସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ଅନୁଷ୍ଠିତ ହୋଇଥିଲା।

## 'ଲାକ ବଦ୍ରା ଥିଲେ ୱାରାଙ୍ଗଚିତିର ଜନକ'



କପ୍ତିପଦାରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବାରିପଦା ଅଫିସ,୧୯ା୯**

ମୟୂରଭଞ୍ଜ ଆଦିବାସୀ ଛାତ୍ର ସଙ୍ଗଠନ(ମାସା) ପକ୍ଷରୁ ହୋ ଭାଷା ତଥା ୱାରାଂ ଚିତି ଲିପିର ସ୍ରଷ୍ଟା ଗୁରୁ ଲାକ ବଦ୍ରାଙ୍କ ଜୟନ୍ତି ବୁଧବାର ପାଳିତ ହୋଇଯାଇଛି। ମାସାର ଜିଲା ସଭାପତି ମୁକେଶ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଅଧ୍ୟକ୍ଷ ସୁକୁଲାଲ ମାରାଣ୍ଡି ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇଥିଲେ। ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ଦାବି ନେଇ ପୂର୍ବରୁ ମାସା ଆନ୍ଦୋଳନ କରି ଆସୁଥିବା ବେଳେ ଏହା ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ ଏହି ଅବସରରେ କହିଥିଲେ। ସମ୍ମାନିତ ଅତିଥୀ ଭାବେ ରାଜ୍ୟ ସମ୍ପାଦକ ଆଇଁଠୁ ଟୁଡୁ ଓ ପୂର୍ଣ୍ଣଚନ୍ଦ୍ର ତିରିଆ ଯୋଗ ଦେଇଥିଲେ।

**ରାଇରଙ୍ଗପୁର, (ଡି.ଏନ୍.ଏ)–** ରାଇରଙ୍ଗପୁର ସବ୍‌ଡିଭିଜନ ପଣ୍ଡା ଟାଙ୍ଗର ଗ୍ରାମରେ ହୋ ଭାଷା ୱାରାଙ୍ଗ ଚିତି ସ୍ରଷ୍ଟା ସ୍ୱର୍ଗୀୟ ଅତ୍‌ଗୁରୁ ପଣ୍ଡିତ ଲାକ ବଦ୍ରାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଆଦିବାସୀ ହରିଜନ (କଲ୍ୟାଣ) ମନ୍ତ୍ରୀ ରମେଶ ମାଝି, ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡୀ, ବିଦାୟକ ସର୍ବଶ୍ରୀ ସୁଦାମ ମାରାଣ୍ଡୀ, ସାରବା ଶୁଶିର କୁମାର ହାଁସନା ଏବଂ ବାଦବ ହାସନା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି କୁସୁମୀ ବ୍ଲକ ବାଦାମପାହାଡଠାରେ ସ୍ୱର୍ଗୀୟ ଅତ୍‌ଗୁରୁ ଲାକ ବଦ୍ରାଙ୍କ ନବନିର୍ମିତ ପ୍ରତିମୂର୍ତ୍ତିକୁ ଉନ୍ମୋଚିତ କରାଯାଇଛି।

**କପ୍ତିପଦା,(ଡି.ଏନ.ଏ)–** କପ୍ତିପଦା ଉପଖଣ୍ଡସ୍ତରୀୟ ୱାରଂଚିତ ଲିପିର ସ୍ରଷ୍ଟା ଡକ୍ଟର ଲାକ ବଦ୍ରାଙ୍କ ଜୟନ୍ତୀ ଅଶ୍ୱକୋଟୀ ହୁଡିସାହିରେ ପାଳିତ ହୋଇଯାଇଛି । ଏଥିରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ. ଦେବାଶିଷ ମାରାଣ୍ଡି ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସ୍ୱତନ୍ତ୍ର ଅତିଥି ଭାବେ ମନ୍ତ୍ରୀ ରମେଶ ମାଝୀ, ମୁଖ୍ୟବକ୍ତା ଭାବେ ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ସମ୍ମାନିତ ଅତିଥି କରଞ୍ଜିଆ ବିଧାୟକ ବିଜୟ ନାଏକ, ପୂର୍ବତନ ଉଦଳା ବିଧାୟକ ଶ୍ରୀନାଥ ସରେନ, କପ୍ତିପଦା ଉପ ଜିଲାପାଳ ଭଗବାନ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କପ୍ତିପଦା ଆଇଟିଡିଏର ପ୍ରକଳ୍ପ ନିର୍ଦ୍ଦେଶକ ବିଧାନ ଚନ୍ଦ୍ର ରାୟ, କରଞ୍ଜିଆର ଧର୍ମେନ୍ଦ୍ର ମଲିକ୍ ଓ ବାରିପଦା ଆଇଟିଡିଏର ବିଜନ କୁମାର ଥାମ୍ବା ଓ କପ୍ତିପଦା ବ୍ଲକ୍ ଅଧ୍ୟକ୍ଷା ସୁଶିଳା ବାନରା ଯୋଗଦେଇଥିଲେ।

**ବିଶୋଇ :** ବିଶୋଇ ବ୍ଲକ ଅନ୍ତର୍ଗତ ବାଡୁଣିଆଠାରେ ଲାକ ବଦ୍ରାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ରାମଚନ୍ଦ୍ର ହାଁସଦା, ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଈଶ୍ୱର ଚନ୍ଦ୍ର ବାରଦା, ସରପଞ୍ଚ ସୁଶ୍ରୀ ମତି ବାରଦା,୩୪ ନଂ ଜିଲା ପରିଷଦ ସଦସ୍ୟ ଗୁରୁବା ମୁର୍ମୁ ଓ ଶିକ୍ଷାବିତ ସୋମନାଥ ପିଙ୍ଗୁଆ , ମୁଖ୍ୟ ବକ୍ତା ଭାବେ ହୋ ଭାଷା ଶିକ୍ଷା କାଉନସିଲର କାଏରା ସିଂ ବାନ୍ଦିଆ, କାଉନସିଲର ସଦସ୍ୟ ଗୋପୀ ହାଇବୁରୁ, ମାଲୁରାମ ପୂର୍ତ୍ତି, ସେଲାଏ ପୂର୍ତ୍ତି ଉପସ୍ଥିତ ଥିଲେ। ଲାକ ବଦ୍ରା ହେଉଛନ୍ତି ୱାରଙ୍ଗଚିତି ଲିପିର ସ୍ରଷ୍ଟା ବୋଲି ଅତିଥିମାନେ କହିଥିଲେ । ଖୁବଶୀଘ୍ର ବାଡୁଣିଆ ଠାରେ ଆୟୋଜକ କମିଟି ନିମନ୍ତେ ଏକ କମିଟି ଗୃହ ନିର୍ମାଣ କରିବା ନିମନ୍ତେ ଏମ୍‌ପି ହାଁସଦା ପ୍ରତିଶ୍ରୁତି ଦେଇଥିଲେ।

## 'ଜାଗ୍ରତ ହୁଅ ଯୁବପିଢି'

**ବଡସାହି,୧୯ା୯(ସ୍ୱ.ପ୍ର)**

ଯୁବପିଢୀ ଜାଗ୍ରତ ହେଲେ ଓଡିଶା ଆଗେଇବ । ବିଜୁ ଯୁବ ବାହିନୀ ପକ୍ଷରୁ ଆୟୋଜିତ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ ପରିସରରେ ବୁଧବାର 'ମୁଁ ହିରୋ ମୁଁ ଓଡିଶା' କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏହା ମତବ୍ୟକ୍ତ କରିଛନ୍ତି । ବିଜୁ ଯୁବ ବାହିନୀର ବ୍ଲକ କୋ– ଅର୍ଡିନେଟର ହିମାଂଶୁ ଶେଖର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ରବୀନ୍ଦ୍ର କୁମାର ବେହେରା ଅଧ୍ୟକ୍ଷତା କରିଛନ୍ତି। ମୁଖ୍ୟଅତିଥି ଭାବେ ବଡ଼ସାହି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ସିଂ, ଉପାଧ୍ୟକ୍ଷ ଅନ୍ତର୍ଯାମୀ ବେହେରା, ସାଂସଦ ପ୍ରତିନିଧି ରାକେଶ ମହାପାତ୍ର, କଲେଜ ଅଧ୍ୟକ୍ଷ ସୁବାସ ଦାସ, ଉପସ୍ଥିତ ଥିଲେ । ୩୦ ପଞ୍ଚାୟତର ଶତାଧିକ ଯୁବତୀଯୁବକ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଯୁବ ବାହିନୀର କର୍ମକର୍ତ୍ତା।

■ ଜିଲା କଂଗ୍ରେସ ପକ୍ଷରୁ ଗଣ ବିକ୍ଷୋଭ

## ଦୁର୍ନୀତିର ତଦନ୍ତ ନ ହେଲେ ଆନ୍ଦୋଳନ

**ବାରିପଦା ଅଫିସ,୧୯ା୯**

ରାଫେଲ ଯୁଦ୍ଧ ଜାହାଜ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କେନ୍ଦ୍ର ନେତୃତ୍ୱାଧୀନ ଭାଜପା ସରକାର ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ ନେଇ ମୟୂରଭଞ୍ଜ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣ ବିକ୍ଷୋଭ କରାଯାଇଛି। ଜିଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

କଂଗ୍ରେସର ମୟୂରଭଞ୍ଜ ଜିଲା ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏବଂ ଦେବାଶିଷ ପଟ୍ଟନାୟକ ଯୋଗଦେଇଥିଲେ। ଜ୍ଞାନେନ୍ଦ୍ର କହିଛନ୍ତି ଯେ ଭାଜପା ସରକାର ରାଫେଲ ଯୁଦ୍ଧ ଜାହାଜ କିଣା ନାମରେ ୧ଲକ୍ଷ ୩୦ହଜାର କୋଟି ଟଙ୍କାର ଘୋଟାଲା କରିଛି। କଂଗ୍ରେସ ଦଳ ସାରା ଭାରତବର୍ଷରେ ଏହି ଘୋଟାଲାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଅଭିଯାନ ଆରମ୍ଭ କରିଛି। ବାରିପଦା ପୌରପରିଷଦରେ ହୋଇଥିବା ମହାଦୁର୍ନୀତି , ଚାରା ଦୁର୍ନୀତି, ଅଙ୍ଗନୱାଡିରେ ଖେଳନା କିଣାରେ ଦୁର୍ନୀତି , ଛତୁଆ ଦୁର୍ନୀତି ଆଦିର ତଦନ୍ତ ନିମନ୍ତେ ଦଳ ଦାବି କରିଛି। ସରକାର ଏନେଇ ଉଚିତ ପଦକ୍ଷେପ ଗ୍ରହଣ ନ କଲେ ମୟୂରଭଞ୍ଜ ବନ୍ଦ କରିବା ଲାଗି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦଳ କହିଛି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ସାପ ନେଲା ଯୁବକଙ୍କ ଜୀବନ

କେନ୍ଦୁଝର, ୧୯।୯(ସ୍ୱ.ପ୍ର.): ଚମ୍ପୁଆ ବ୍ଲକ ରଜିଆ ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅମରେଶ ଗିରି(୨୩)। ବିଲକୁ କାମ କରିବାକୁ ଯାଇଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅପହୃତା ମଧ୍ୟପ୍ରଦେଶରୁ ଉଦ୍ଧାର

ତେଲକୋଇ, ୧୯।୯(ଡି.ଏନ.ଏ.): ତେଲକୋଇ ବ୍ଲକ ସିରିଗିଡ଼ା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ମଧ୍ୟପ୍ରଦେଶରୁ ଉଦ୍ଧାର ହୋଇଛି। ନାବାଳିକାଙ୍କୁ ତାଙ୍କ ପଡୋଶୀ ଭାଉଜ ଡାକି ନେଇ ଅନୁଗୋଳ ଜିଲା ବଅଁରପାଳ ଜଣେ ଯୁବକଙ୍କ ସହ ପଠାଇ ଦେଇଥିଲେ। ସମ୍ପୃକ୍ତ ଯୁବକ ହେଲେ ଶମ୍ଭୁ ନାଏକ। ସ୍ଥାନୀୟ ଅଞ୍ଚଳର ଜଣେ ଦଲାଲଙ୍କ ଦ୍ୱାରା ମଧ୍ୟପ୍ରଦେଶର ଛତ୍ରପୁର ବ୍ଲକ ବଡ ମଲ୍ଲହରା ବାଉଁଜୁରା ଗ୍ରାମରେ ନାବାଳିକାଙ୍କୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଖବର ପାଇ ନାବାଳିକାଙ୍କୁ ଉଦ୍ଧାର କରିଛି। ଏ ନେଇ ପୋଲିସ ବାଉଯୁରା ଗ୍ରାମର ବାହାଦୁର ସିଂଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ୬୦ ହଜାର ଟଙ୍କା ଦେଇ ଘର କାର୍ଯ୍ୟ କରିବାକୁ ନାବାଳିକାଙ୍କୁ ବିକ୍ରି କରାଯାଇଥିବା ସେ ସ୍ୱୀକାର କରିଛନ୍ତି। ତେଲକୋଇ ଥାନାରେ ଏ ନେଇ ଏକ ମାମଲା (ନଂ.୨୧/୬/୧୮) ରୁଜୁ ହୋଇଛି। ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ କହିଛନ୍ତି।

### ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ

କେନ୍ଦୁଝର, ୧୯।୯(ସ୍ୱ.ପ୍ର.): ପଣ୍ଡାପଡ଼ା ଥାନା ହୁଣ୍ଡା ଗ୍ରାମକୁ କାର୍ଯ୍ୟ ତଦାରଖ କରିବାକୁ ଯାଇଥିବା ହରିଚନ୍ଦନପୁର ବିଡିଓ ଡାକ୍ତର ବିଜୟାନନ୍ଦ ସେଠୀଙ୍କୁ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପ୍ରସନ୍ନ କୁମାର ନାୟକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରସନ୍ନଙ୍କୁ ମିଶାଇ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପଣ୍ଡାପଡା ଥାନାରେ ଏକ ମାମଲା (ନଂ.୭୮/୨୦୧୮) ରୁଜୁ ହୋଇଛି।

### ଗଣେଶ ଭସାଣି ଉତ୍ସବ



ଢେଙ୍କିକୋଟ, ୧୯।୯(ଡି.ଏନ.ଏ.): ଘଟଗାଁ ବ୍ଲକ ଢେଙ୍କିକୋଟ ବ୍ୟବସାୟିକ ବଜାର ସାହି ବସ୍ତିରେ ଗଣେଶଙ୍କ ପୂଜା ଧୂମଧାମରେ ହୋଇଥିଲା। ବୁଧବାର ଗଣେଶଙ୍କ ଭସାଣି ଉତ୍ସବ ପାଳନ କରାଯାଇଛି। ଭସାଣି ଉତ୍ସବରେ ମା' ତାରିଣୀ କ୍ଲବ ମଣ୍ଡଳସାହି ଆରମ୍ଭ କରିଥିବା ବେଳେ ପୂର୍ବାହ୍ନ ୧୧ଟା ବେଳେ ସାହିର ସମସ୍ତ ମା', ଭଉଣୀ ଏକତ୍ରିତ ହୋଇ ହରିବୋଲ ହୁଳହୁଳି ସାଙ୍ଗକୁ ଶଙ୍ଖ ଧ୍ୱନୀ ଦେଇ ଗଣେଶଙ୍କୁ ବିଦାୟ ଜଣାଇଥିଲେ। ଡିଜେ ସାଉଣ୍ଡ ସାଙ୍ଗକୁ ସିଙ୍ଗିବାଜାରେ କ୍ଲବର ସମସ୍ତ ସଦସ୍ୟ ବାଦ୍ୟର ତାଳେ ତାଳେ ନାଚି ମେଢ଼କୁ ସାହି ବସ୍ତି ଓ ବଜାର ପରିକ୍ରମା କରି ନଦୀରେ ନେଇ ଅପରାହ୍ନ ୩ଟାରେ ବିସର୍ଜନ କରାଯାଇଥିଲା। ବିସର୍ଜନ ଉତ୍ସବକୁ ଆଖପାଖ ଗ୍ରାମର ଶତାଧିକ ଭକ୍ତ ଉପଭୋଗ କରିଥିଲେ।

### କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ର

କେନ୍ଦୁଝର, ୧୯।୯(ସ୍ୱ.ପ୍ର.): ଘଷିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ହିଂସାକାଣ୍ଡ ଓ ପୋଲିସକୁ ମାଡ଼ ପ୍ରତିବାଦରେ ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ଏସ୍‌ପି ଜୟରାମ ପଙ୍କଜଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇଛି। ରାଜନୈତିକ ଛତ୍ରଛାୟା ତଳେ ରହି ସ୍ଥାନୀୟ ଉଦଭ୍ରାନ୍ତ ଯୁବକମାନେ ଏଭଳି ଘଟଣା ଭିଆଇବା ସହ ହଣାକଟା କରୁଥିବା ଏବଂ ନିରୀହ ଲୋକଙ୍କୁ ମିଥ୍ୟା କେସରେ ଫସାଇ ଲୋକଙ୍କୁ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହୋଇଛି। ପୋଲିସ ପ୍ରଶାସନ ନିଜେ ସୁରକ୍ଷିତ ମଣୁ ନାହିଁ। ପୋଲିସ ଉପରୁ ଲୋକଙ୍କ ଆସ୍ଥା କମୁଥିବା ଆଲୋଚନା ହେଉଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିପତ୍ର ଦେଇଛନ୍ତି। ସଞ୍ଜୟ ମହାନ୍ତି, ପ୍ରକାଶ ମଲ୍ଲିକ, ନନ୍ଦିନୀ ରାଉତ, ଶୁଭସ୍ମିତା ସେଠୀ ପ୍ରମୁଖ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ଡିପ୍ଲୋମା ଇଞ୍ଜିନିୟରଙ୍କ ଆନ୍ଦୋଳନ

- ୨ୟ ଦିନରେ ଧାରଣା
- ଉନ୍ନୟନ କାମ ଠପ୍

କେନ୍ଦୁଝର/ ଆନନ୍ଦପୁର/ ହାଟଡିହୀ, ୧୯।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରମାନେ ବିଭିନ୍ନ ଦାବି ନେଇ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ଡାକରାରେ ମଙ୍ଗଳବାରଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହା ୨ୟ ଦିନରେ ପହଞ୍ଚିଛି। ଫଳରେ ଉନ୍ନୟନ କାମ ଠପ୍ ହୋଇଯାଇଛି। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ, ବୃହତ୍ ଓ କ୍ଷୁଦ୍ର ଜଳସେଚନ, ସହରାଞ୍ଚଳ ଓ ଗ୍ରାମଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ଓ ଜାତୀୟ ରାଜପଥ ବିଭାଗରେ କାର୍ଯ୍ୟ କରୁଥିବା ଡିପ୍ଲୋମା ଇଞ୍ଜିନିୟରମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ରାଜ୍ୟ ସରାକରଙ୍କ 'ଆମ ଗାଁ ଆମ ବିକାଶ', ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ, ମନରେଗା ପରି ଯୋଜନାରେ କାର୍ଯ୍ୟ ବନ୍ଦ ରହିଛି। ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ୩ ଡିଭିଜନାଲ କମିଟିର ୩୨୦ ଯନ୍ତ୍ରୀ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବୈତରଣୀ ଡିଭିଜନାଲ କମିଟିର ୧୨୦, କେନ୍ଦୁଝର ୧୨୦ ଏବଂ କାନପୁରର ୮୦ ଯନ୍ତ୍ରୀ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ପୂର୍ବରୁ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଚରମ ଅବହେଳା ପ୍ରତିବାଦରେ ସେପ୍ଟେମ୍ବର ୧୮ରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବେ ବୋଲି ଘୋଷଣା କରିଥିଲେ। ଗତ ମାର୍ଚ୍ଚରୁ ସରକାର ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଜିପିଟିଏମାନଙ୍କୁ କନିଷ୍ଠ ଯନ୍ତ୍ରୀ ପଦବୀରେ ନିୟମିତ କରିବାକୁ କ୍ୟାବିନେଟରେ ନିଷ୍ପତ୍ତି ନେଇ ସାରିଥିଲେ ମଧ ବିଭାଗୀୟ ମନ୍ଥରତା କାରଣରୁ ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇ ନ ଥିବାରୁ କ୍ଷୋଭପ୍ରକାଶ ପାଇଛି। ଆନ୍ଦୋଳନରେ ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଇଂ ସନ୍ତୋଷ ନନ୍ଦ, କେନ୍ଦୁଝର ଜିଲା ଡିପ୍ଲୋମା ଇଞ୍ଜିନିୟର ସଂଘର ସଭାପତି ଇଂ ଖଗେଶ୍ୱର ମହାନ୍ତ, ସମୀର ପାଣି, ଜି.କେ.ରାୟ, ନଗେଶ ଚନ୍ଦ୍ର ମହାନ୍ତ, ଦାଶରଥି ନାୟକ, ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ, ଗୌରହରି ମହାନ୍ତ, ଦେବେନ୍ଦ୍ର ନାଥ ପଲେଇ, ଚତୁର୍ଭୁଜ ନାୟକ, ଜନ୍ମେଜୟ ଦାସ, ନିର୍ମଳ ଚନ୍ଦ୍ର ସେଠୀ, ଭାଗୀରଥି ସେଠୀ, ରାଜେନ୍ଦ୍ର ମହାପାତ୍ର, ନେପାଳ ସେଠୀ, ବୈଶାଖୁ ସିଂ, ଏସ.ଏନ. କର, ଭାଗୀରଥି ସାହୁ, ପ୍ରଦୀପ୍ତ ମିଶ୍ର, ଜ୍ୟୋତିରଞ୍ଜନ ସାମନ୍ତରାୟ, ମଳୟ ରାଉତ, ଘାଷିରାମ ମାଝୀ, ରମେଶ ଚନ୍ଦ୍ର ରଥ, ସିଦ୍ଧ ମାଝୀ, ରମାକାନ୍ତ ଦୁବେ, ମୁକ୍ତିକାନ୍ତ ନାୟକ, ବ୍ରହ୍ମେଶ୍ୱର ମିଶ୍ର, ଚିତ୍ତରଞ୍ଜନ ଜେନା, ସୁବୋଧ ବେଉରିଆ, ସୁରେନ୍ଦ୍ର ଜେନା, କନ୍ଦର୍ପସେନ ପଲେଇ, ଅର୍ଚ୍ଚନା ଜେନା, ଶୁଭସ୍ମିତା ବରାଳ, ବସନ୍ତ ଆଚାର୍ଯ୍ୟ, ରୀତା ନାୟକ, ଫିଲିପ ମହାନ୍ତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ଆନ୍ଦୋଳନରେ ଆନନ୍ଦପୁର, ହାଟଡିହୀ, ଘସିପୁରା ଓ ଘଟଗାଁରେ କାର୍ଯ୍ୟରତ ୧୨୭ ଡିପ୍ଲୋମା ଇଞ୍ଜିନିୟର ସାମିଲ ହୋଇଛନ୍ତି। ବୈତରଣୀ ଶାଖା ଡିପ୍ଲୋମା ଇଞ୍ଜିନିୟର ଆନନ୍ଦପୁର ସଂଘର ସଭାପତି ସୁବଳ ପଣ୍ଡା ଓ ସମ୍ପାଦକ ଅରୁଣ ସେଠୀଙ୍କ ସଂଯୋଜନାରେ ପ୍ରଶାନ୍ତ ନାୟକ, ଉମେଶ ଶାସିନୀ, ପ୍ରଦୀପ ସାମଲ, ରବୀନ୍ଦ୍ର ନାଥ ନାୟକ, ରବୀନ୍ଦ୍ର ସୋରେନ, ସୁପ୍ରଭା ପ୍ରଧାନ, ରତିକାନ୍ତ ଲେଙ୍କା, ସୁଶୀଲ ସେଟ୍, ସଂଯୁକ୍ତା ବେଉରିଆ, ସରସ୍ୱତୀ ମାଝୀ, ସସ୍ମିତାରାଣୀ ସାହୁ, ସସ୍ମିତା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।



ଡିପ୍ଲୋମା ଇଞ୍ଜିନିୟରମାନେ ଆନ୍ଦୋଳନ କରୁଛନ୍ତି।

## ୫୪ ୟୁନିଟ୍ ରକ୍ତ ସଂଗୃହୀତ

କେନ୍ଦୁଝର, ୧୯।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ଓ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ ସୋସାଇଟି ଲିଃର ମିଳିତ ଉଦ୍ୟମରେ ଲୋଡିଂ ସୋସାଇଟି କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଯାଇଛି। ବିଶ୍ୱକର୍ମା ପୂଜା ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରକୁ ଗନ୍ଧମାର୍ଦ୍ଦନ ଖଣି ନିଗମର ଡେପୁଟି ମ୍ୟାନେଜର (ପର୍ସନାଲ) ଅର୍ଜ୍ଜୁନ ଚରଣ ସାହୁ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଶ୍ରମିକ ନେତା ମହେଶ୍ୱର ରାଉତ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନେଜର (ମାଇନିଂ) ଅମ୍ବିକା ପ୍ରସାଦ ମହାପାତ୍ର ପ୍ରଥମେ ରକ୍ତଦାନ କରିଥିଲେ। ମୋଟ ୫୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଲୋଡିଂ ସୋସାଇଟିର ଉମାକାନ୍ତ ବିନ୍ଧାଣୀ, ଜନାର୍ଦ୍ଦନ ବାରିକ, ସୁଶାନ୍ତ ବାରିକ, ଅଞ୍ଜନ କୁମାର ବେଜ୍‌ଙ୍କ ସମେତ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘର ମନୋରଞ୍ଜନ ଖୁଣ୍ଟିଆ, ରଞ୍ଜନ ନାୟକ, ଦୁଃଖବନ୍ଧୁ ମୁଣ୍ଡା, ବିରଞ୍ଚି ଦେହୁରି ପ୍ରମୁଖ ରକ୍ତଦାନ ପୂର୍ବକ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ।

## ଖୋଲା ଶୌଚମୁକ୍ତ ନେଇ ପଦଯାତ୍ରା



ଚମ୍ପୁଆ ଏନ୍‌ଏସିର ୱାର୍ଡରେ ପଦଯାତ୍ରା କରାଯାଉଛି।

ଚମ୍ପୁଆ, ୧୯।୯(ଡି.ଏନ.ଏ.)

ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ୧୩ ଗୋଟି ୱାର୍ଡକୁ ଖୋଲା ଶୌଚମୁକ୍ତ ୱାର୍ଡ ଭାବେ ଘୋଷଣା ପରିପ୍ରେକ୍ଷୀରେ ପଦଯାତ୍ରା ଆରମ୍ଭ କରାଯାଇଛି। ଏନ୍‌ଏସ୍ ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କ ନେତୃତ୍ୱରେ ବହୁ ସ୍ୱୟଂ ସହାୟକ ଗୋଷ୍ଠୀ, ଜନସେବା ସଙ୍ଗଠନର ସଦସ୍ୟ ଓ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ଖୋଲା ଶୌଚମୁକ୍ତ ୱାର୍ଡ ଗଠନ ନିମନ୍ତେ ୱାର୍ଡ ଗୁଡିକରେ ପଦଯାତ୍ରା କରାଯାଇ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟ ରଖାଯାଇଛି।

ଘର ନିକଟରେ ଗୋବର ଗାଡିଆ ନ ରଖିବା, ହାତକୁ ପରିଷ୍କାର ଭାବେ ଧୋଇବା, ନିଜ ନିଜ ଘରେ ପାଇଖାନା ନିର୍ମାଣ କରି ବ୍ୟବହାର କରିବା, ଅନାବନା ଆବର୍ଜନା ଗୁଡିକୁ ଆବର୍ଜନା କୁଣ୍ଡରେ ପକାଇବା, ବ୍ୟବହାର ହେଉଥିବା ଜଳାଶୟ, ନଳକୂପ, କୂଅ ଆଦିକୁ ସଫା ରଖିବା ନେଇ ପଦଯାତ୍ରା କରାଯାଇଥିଲା। ପଦଯାତ୍ରାରେ ବିଭିନ୍ନ ୱାର୍ଡରେ ହୋଇଥିଲା। ଚମ୍ପୁଆ ଚନ୍ଦ୍ରଶେଖର ଶିବ ମନ୍ଦିରଠାରେ ପଦଯାତ୍ରା ଶେଷ ହୋଇଥିଲା। ବାହ୍ୟ ଶୌଚମୁକ୍ତ ଅଞ୍ଚଳ ଭାବେ ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦକୁ ଘୋଷଣା କରାଯିବ ବୋଲି ଜଣାଯାଇଛି। ପଦଯାତ୍ରାରେ ଏନଏସି ଚେୟାରମ୍ୟାନ ଗୀତାରାଣୀ ନାଏକ, ଏନଏସି କର୍ମଚାରୀ ଯୋଗ ଦେଇଥିବା ବେଳେ ସିଏମସି ରଶ୍ମିତା ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସ୍କୁଲ୍ ବସ୍ ସେବା ଆରମ୍ଭ

ଯୋଡ଼ା, ୧୯।୯(ଡି.ଏନ.ଏ.)

ଯୋଡା ବ୍ଲକ କାଟେସାହି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ସ୍କୁଲ ବସ ସେବା ଆରମ୍ଭ ହୋଇଛି। ତ୍ରିବେଣୀ ଆର୍ଥ ମୋଭର୍ସ କମ୍ପାନୀ ପକ୍ଷରୁ ସ୍କୁଲ ବସ୍‌କୁ ଶିଶୁ ମନ୍ଦିରକୁ ହସ୍ତାନ୍ତର କରିବା ପରେ ବସ୍‌ଟି ଗନ୍ଧଲପଦାରୁ ରୁଗୁଡ଼ି ଦେଇ କାଟେସାହି ଶିଶୁ ମନ୍ଦିରକୁ ଛାତ୍ରୀଛାତ୍ରଙ୍କୁ ନେଇ ଯାତାୟାତ ଆରମ୍ଭ ହୋଇଛି। ଶିଶୁ ମନ୍ଦିରର ପ୍ରତିଷ୍ଠାତା ତଥା ଗୁଆଲିର ପୂର୍ବତନ ସରପଞ୍ଚ ଉବର ମୁଣ୍ଡା, ଯୋଡ଼ା ବ୍ଲକର ପୂର୍ବତନ ଅଧକ୍ଷ କବିନ୍ଦ୍ର ନାଏକ, ପରିଚାଳନା କମିଟି ସଭାପତି ଦଶରଥ ବାରିକ, ସମ୍ପାଦକ ଧବଳେଶ୍ୱର ନାଏକ, ପ୍ରଧାନ ଆଚାର୍ଯ୍ୟ ସୁରେଶ ଚନ୍ଦ୍ର ମହାନ୍ତ, ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ, ଛାତ୍ରୀଛାତ୍ର ଉପସ୍ଥିତ ରହି ନୂତନ ବସ ସେବାକୁ ସ୍ୱାଗତ କରିଥିଲେ।

## ରାସ୍ତା ମରାମତି କଲେ ଗ୍ରାମବାସୀ

ରାଇସୁଆଁ, ୧୯।୯(ଡି.ଏନ.ଏ.)

ସରକାର ଲୋକଙ୍କ ଗମନାଗମନର ସୁବିଧା ପାଇଁ ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। ଏ ନେଇ ବହୁ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର କେନ୍ଦୁଝର ଜିଲା ସଦର ଅଞ୍ଚଳରେ ତାହା ବାଟବଣା ହୋଇଛି। କେନ୍ଦୁଝର ଜିଲା ସଦର ବ୍ଲକ ଗୋବର୍ଦ୍ଧନ ଗ୍ରାମର କଲୋନି ସାହିରେ ରାସ୍ତା ଶୋଚନୀୟ ହୋଇପଡ଼ିଛି। ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ସାଧାରଣ ଜନତା ନାହିଁ ନ ଥିବା ହଇରାଣ ହେଉଛନ୍ତି। ବର୍ଷା ଦିନେ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗ ଗାଡି ଗାଁକୁ ଆସିବାକୁ ଅମଙ୍ଗ ହେଉଛି। ରୋଗୀଙ୍କୁ ଖଟିଆରେ ବୋହି ହୋଇ ମୁଖ୍ୟ ରାସ୍ତାକୁ ଆଣିବାକୁ ପଡୁଛି। ବହୁବାର ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବ୍ଲକରେ ରାସ୍ତା ନିର୍ମାଣ ପାଇଁ ଅଭିଯୋଗ କରାଯାଇଥିଲେ ହେଁ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ବାଧ ହୋଇ ଗ୍ରାମର ଯୁବ ଗୋଷ୍ଠୀ ଏବଂ ବରିଷ୍ଟ ନାଗରିକମାନେ ରାସ୍ତା ମରାମତି କରିଛନ୍ତି।

## ସୁସ୍ଥ ପରିବେଶ ଗଢ଼ିବା ଲାଗି ପ୍ରୟାସ

ହାଟଡିହୀ, ୧୯।୯(ସ୍ୱ.ପ୍ର.)

ହାଟଡିହୀ ବ୍ଲକ ଶାଳଣିଆ ପଞ୍ଚାୟତ ଅଞ୍ଚଳର ବିଭିନ୍ନ କାର୍ଯ୍ୟ କରିବା ପାଇଁ ବଜରଙ୍ଗ ଦଳର କର୍ମକର୍ତ୍ତା ନିଜ ହାତକୁ ନେଇଛନ୍ତି। ଅଞ୍ଚଳର କିପରି ବିକାଶ ହୋଇପାରିବ ସେ ନେଇ ଦଳ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଶାଳଣିଆ ବଜାର ଓ ପାରିପାର୍ଶ୍ୱିକ ପରିସ୍ଥିତିରେ ବିଶୃଙ୍ଖଳା ପୂର୍ଣ୍ଣ ବାତାବରଣକୁ ରୋକିବା, ଲୋକଙ୍କୁ ନିଶାଶକ୍ତ ବାତାବରଣରୁ ଦୂରେଇ ରଖିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ଶାଳଣିଆ ମେଡିକାଲ ପରିସରରେ ରହିଥିବା ଆସୁବିଧା ଗୁଡିକ କିପରି ସୁଧାର ଆସିପାରିବ ସେ ନେଇ ଚେଷ୍ଟା ଆରମ୍ଭ କରିଛନ୍ତି।

ରୋଗୀମାନେ କିପରି ଠିକ୍ ଭାବେ ସେବା ପାଇପାରିବେ, ମେଡିକାଲ ପରିସର କିପରି ଶୃଙ୍ଖଳିତ ରହିପାରିବ ସେ ନେଇ ଗୁରୁତ୍ୱାରୋପ କରିଛନ୍ତି। ମା' ଭାଟିଆଶୁଣିଙ୍କ ପଡ଼ିଆର ସୁରକ୍ଷା, ସେଠାରେ ଚାଲିଥିବା ଅବାଧ ନିଶାକାରବାରକୁ ରୋକିବା ପରିବେଶକୁ ସୁନ୍ଦର କରିବା ଆଦି କାର୍ଯ୍ୟ ବଜରଙ୍ଗ ଦଳ ହାତକୁ ନେଇଛି। ବଜରଙ୍ଗ ଦଳର ସଦସ୍ୟମାନେ ଅଞ୍ଚଳକୁ ନିଶାମୁକ୍ତ କରିବା, ଅଂଚଳରେ ଶାନ୍ତିଶୃଙ୍ଖଳା ବଜାତ ରଖିବା, ନ୍ୟାୟ ଓ ନୀତି ମୂଳକ କାର୍ଯ୍ୟ ଦିଗରେ ପଦକ୍ଷେପ ଗ୍ରହଣ କରିବା ଦିଗରେ ଉଦ୍ୟମ ଆରମ୍ଭ କରିଛନ୍ତି। ବଜରଙ୍ଗ ଦଳର ସଭାପତି ପ୍ରିତିରଞ୍ଜନ ଦ୍ୱିବେଦୀ, ସମ୍ପାଦକ ଜୟନ୍ତ ବେହେରାଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।



ବଜରଙ୍ଗ ଦଳର ସଦସ୍ୟମାନେ।

## ୩ରୁ ତାରିଣୀ ପୀଠରେ ସାଧୁ ସମାବେଶ

ଘଟଗାଁ, ୧୯।୯(ଡି.ଏନ.ଏ.)

ଅକ୍ଟୋବର ୩ ଓ ୪ ଦୁଇ ଦିନ ଧରି ପ୍ରଥମ ଥର ପାଇଁ ତାରିଣୀ ପୀଠରେ ସାଧୁସନ୍ଥଙ୍କ ସମାବେଶ ହେବ ବୋଲି ଜଣାଯାଇଛି। ଏଥିରେ ଓଡ଼ିଶାର ୩୦ ଜିଲାରୁ ପ୍ରମୁଖ ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପୁରୀ ଗଜପତିଙ୍କ ପ୍ରତିନିଧି, ପୁରୀ ମୁକ୍ତିମଣ୍ଡପର ପ୍ରତିନିଧି ସମେତ ବିଭିନ୍ନ ମଠ ମନ୍ଦିରର ପ୍ରମୁଖମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମା' ତାରିଣୀଙ୍କ କରୁଣା ନିମନ୍ତେ ଓଡ଼ିଶାର ଶାନ୍ତିଦୂତ ଯଥା ଶତାଧିକ ସନ୍ଥ ଓ ଭକ୍ତଙ୍କ ଦ୍ୱାରା ଜପନକ, ପାରାୟଣ ଓ ପ୍ରାର୍ଥନାର ସାମୂହିକ ସ୍ୱର ଉତ୍ତୋଳନ କରି ଆସନ୍ନ ଭୟଙ୍କର ବିପଦରୁ ମୁକ୍ତି ପଥ ଅନୁସନ୍ଧାନ କରିବା ପାଇଁ ପ୍ରୟାସ କରାଯାଇଛି।

୩ ତାରିଖ ଅପରାହ୍ନରେ ସନ୍ଥମାନଙ୍କର ଶୁଭ ଆଗମନ, ମାଙ୍କ ଦର୍ଶନ, ୧୦୮ ଦମ୍ପତିଙ୍କ ଦ୍ୱାରା ଶ୍ରୀକଳସ ଯାତ୍ରା ସନ୍ଧ୍ୟାରେ ଧର୍ମସଭା ୪ରେ ମା' ତାରିଣୀଙ୍କ ନିକଟରେ ବୈଦିକ ଋଗ୍‌ବେଦୀୟ ଶ୍ରୀସୂକ୍ତ ଓ ଦେବୀସୂତ୍ରରେ ଦେବୀଙ୍କ ମହାଭିଷେକ, ସାମୂହିକ ୧୦୮ ସନ୍ଥଙ୍କ ଦ୍ୱାରା ଶ୍ରୀଶ୍ରୀ ସପ୍ତଚଣ୍ଡୀପାଠ, ପୁଷ୍ପାଞ୍ଜଳି, କୃପା ପ୍ରାର୍ଥନା ପରେ ସନ୍ଥମାନଙ୍କ ମଞ୍ଚାରୋହଣ ଓ ସନ୍ଥପୂଜନ କରାଯିବା ସହ ଧର୍ମସଭା ଓ ଶେଷରେ ବେଦିକ ଶାନ୍ତ ପାଠ କରାଯିବ ବୋଲି ସନାତନ ଧର୍ମ ଜାଗରଣ, ଓଡ଼ିଶାର ଅଧକ୍ଷ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ପ୍ରକାଶ କରିଛନ୍ତି।

## ଆଲୋଚନାଚକ୍ରରେ ଚିତ୍ରରେଖା ପ୍ରଥମ

ପାଟଣା, ୧୯।୯(ସ୍ୱ.ପ୍ର.)

ପାଟଣା ବ୍ଲକସ୍ତରୀୟ ଜ୍ଞାନ ଆଲୋଚନାଚକ୍ର ମୁଖ୍ୟାଳୟସ୍ଥିତ ପାଟଣା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇ ହିଇଯାଇଛି। ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ତରଫରୁ 'ଚତୁର୍ଥ ଶିଳ୍ପ ବିପ୍ଳବକୁ ଆମେ ପ୍ରସ୍ତୁତ କି' ସନ୍ଦର୍ଭରେ ସେମିନାର ଆୟୋଜିତ ହୋଇଥିଲା। ବ୍ଲକର ୧୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଚିନାମାଳି ପଶି ଲକ୍ଷ୍ମୀ ନାରାୟଣ ଉଚ୍ଚବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଚିତ୍ରରେଖା ମହାନ୍ତ ଜ୍ଞାନ ସେମିନାରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ସମ୍ପୃକ୍ତ ବିଦ୍ୟାଳୟର ଗାଇଡ଼ ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇଥିଲେ। ବିଚାରକ ଭାବେ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମ ପାଟଣାର ରଜତ ଦାଶ ଓ ଶରତ ମିଶ୍ର କାର୍ଯ୍ୟ ତୁଲାଇଥିଲେ।

## ଭାଜପା ମହିଳା ମୋର୍ଚ୍ଚାର ବୈଠକ

ଆନନ୍ଦପୁର, ୧୯।୯(ସ୍ୱ.ପ୍ର.)

ଘସିପୁରା ନିର୍ବାଚନମଣ୍ଡଳୀ ଭାଜପା ମହିଳା ମୋର୍ଚ୍ଚାର ଏକ ସାଧାରଣ ବୈଠକ ହାତିଶୀଳାଠାରେ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ନିର୍ବାଚନମଣ୍ଡଳୀ ମହିଳା ମୋର୍ଚ୍ଚା ପ୍ରଭାରୀ ଝରଣା ଜେନାଙ୍କ ସଭାପତିତ୍ୱରେ ଆଗାମି ୨୪ ତାରିଖ ପୁରୀଠାରେ ହେବାକୁ ଥିବା ରାଷ୍ଟ୍ରିୟ ମହିଳା ସମାବେଶକୁ ସଫଳ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ପ୍ରତି ପଞ୍ଚାୟତରୁ ଅତି କମରେ ୫ ମହିଳା ପ୍ରତିନିଧିମାନଙ୍କୁ ନେଇ ସମାବେଶରେ ସାମିଲ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ଏହି ଅବସରରେ ଘସିପୁରା ନିର୍ବାଚନମଣ୍ଡଳୀରେ ଭାଜପାର ଦଳୀୟ ସ୍ଥିତିକୁ ସୁଦୃଢ କରିବା ପାଇଁ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜିଲା ଭାଜପା ଉପସଭାପତି ଗୋଲକ ଜେନା, ବରିଷ୍ଠ ନେତା ଦେବେନ୍ଦ୍ର ଜେନା, ପଞ୍ଚାନନ ରାଉତ, ମଣ୍ଡଳ ସଭାପତି ରାଧାଶ୍ୟାମ ରଣା, ବାମନ ଚରଣ ଭୂୟାଁ, ଜିତୁ ବେହେରା ପ୍ରମୁଖ ଯୋଗଦେଇ ବହୁ କାର୍ଯ୍ୟକ୍ରମ ସମ୍ପର୍କରେ ପରାମର୍ଶ ଦେଇଥିଲେ।



ବୈଠକରେ ଘସିପୁରା ଭାଜପା ମହିଳାମୋର୍ଚ୍ଚାର କର୍ମକର୍ତ୍ତା।

## ବିଶ୍ୱ ହିନ୍ଦୀ ମାସ ଉଦ୍‌ଯାପିତ

କେନ୍ଦୁଝର, ୧୯।୯(ସ୍ୱ.ପ୍ର.)

ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର କେନ୍ଦୁଝରଗଡ଼ଠାରେ ବିଶ୍ୱ ହିନ୍ଦୀ ମାସ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ପ୍ରବନ୍ଧକ ସତ୍ୟରଞ୍ଜନ ଦାଶ, ମୁଖ୍ୟବକ୍ତା ରାଜଭାଷା ଅଧିକାରୀ ସଞ୍ଜୀବ କୁମାର ପ୍ରସାଦ ଯୋଗଦାନ କରି ହିନ୍ଦୀ ଦିବସର ତାପର୍ଯ୍ୟ ତଥା ହିନ୍ଦୀ ବିଷୟର ଆବଶ୍ୟକତା, ଗୁରୁତ୍ୱ ଓ ରାଷ୍ଟ୍ରଭାଷା ହିନ୍ଦୀକୁ କିପରି ବହୁଳ ଭାବରେ ବ୍ୟବହାର କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

ତର୍କ ପ୍ରତିଯୋଗିତାରେ ପ୍ରଜ୍ଞା ପରମିତା ଦାସ, ଶୁଭ୍ରାସ୍ମିତା ହାସିନୀ ଓ ମାନସ ଦୀକ୍ଷିତ, ପ୍ରବନ୍ଧ ଲିଖନରେ ମନଷା ମଞ୍ଜରୀ ଧୀର, ଅଭିଲିପ୍ସା ପାଲ ଓ ସୁନିତା ଦାସ, ପ୍ଲାଷ୍ଟିକ ପ୍ରକଳ୍ପରେ ଶ୍ୱେତପଦ୍ମା ସାହୁ, ସ୍ୱପନ ଭୂୟାଁ ଓ ସିଗ୍ମା ରାଉତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ହିନ୍ଦୀ ଆଚାର୍ଯ୍ୟ ଅକ୍ଷୟ ପଲେଇ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦଅଗସ୍ତିଧନ୍ୟବାଦଅର୍ପଣକରିଥିଲେ। ହିନ୍ଦୀ ଆଚାର୍ଯ୍ୟା ପୂର୍ଣ୍ଣିମା ମହାରଣା, ସ୍ନେହଲତା ସାହୁ ଓ ଆଚାର୍ଯ୍ୟ ବିନୟ କୁମାର ମହାନ୍ତ ସହଯୋଗ କରିଥିଲେ।

# ମିଳିତ ମଞ୍ଚର ପଞ୍ଚାୟତ ପଦଯାତ୍ରା

- ମୋଟରସାଇକେଲ ରାଲି
- ପୂର୍ଣ୍ଣ ଓ ପ୍ରତ୍ୟକ୍ଷ ଅନୁଦାନ ଦାବି

ପାଟଣା/ ତେଲକୋଇ, ୧୯।୯ (ସ୍ୱ.ପ୍ର./ ଡି.ଏନ.ଏ.)

ରାଜ୍ୟ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜ ମିଳିତ ମଞ୍ଚର ଆବାହକ ପ୍ରକାଶ ଚନ୍ଦ୍ର ମାହାନ୍ତିଙ୍କ ଆହ୍ୱାନରେ ପାଟଣା ଓ ସାହାରପଡା ବ୍ଲକର ବ୍ଲକଗ୍ରାଣ୍ଟ ପ୍ରାପ୍ତ ଶିକ୍ଷକ, ଅଧାପକ କର୍ମଚାରୀଙ୍କ ଦ୍ୱାରା ବୁଧବାର ଏକ ମୋଟରସାଇକେଲ ରାଲି ହୋଇଥିଲା। ସ୍ଥାନୀୟ ମୁଖ୍ୟାଳୟସ୍ଥିତ ପରମେଶ୍ୱର ମହାଦେବ ମନ୍ଦିରଠାରୁ ବାହାରି ବିଭିନ୍ନ ପଞ୍ଚାୟତ ପଦଯାତ୍ରାରେ ପରିକ୍ରମା କରାଯାଇଥିଲା। ସରକାର କିଭଳି ବ୍ଲକଗ୍ରାଣ୍ଟ ସ୍କୁଲ କଲେଜ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ପୂରଣ କରୁ ନ ଥିବାରୁ ପୂର୍ଣ୍ଣ ଓ ପ୍ରତ୍ୟକ୍ଷ ଅନୁଦାନ ଦାବି ନେଇ ଜନମତ ସୃଷ୍ଟି ଉଦ୍ଦେଶ୍ୟରେ ଗାଁ ପରିକ୍ରମା କରାଯାଇଛି। ଶିକ୍ଷକ ଆନ୍ଦୋଳନରେ ଭାଜପା ନେତା ସତ୍ୟବ୍ରତ ନାଏକ ଓ ଭାଜପା ନାରୀ ନେତ୍ରୀ ଦାସମତି ଚାତାର ସାମିଲ ହୋଇ ଶିକ୍ଷକଙ୍କ ଆନ୍ଦୋଳନକୁ ସମର୍ଥନ କରିବା ସହ ବିଜେଡି ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏଥିରେ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କାହ୍ନୁ ଚରଣ ସାମଲ, ଓଷ୍ଟାର ଜ୍ଞାନରଞ୍ଜନ ଦେଓ, କ୍ଷୀରୋଦ ଚନ୍ଦ୍ର ରାଉତ, କାଶୀନାଥ ମହାନ୍ତ, ପ୍ରସନ୍ନ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ପାଟଣା ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆବାହକ ଅନିଲ ବାରିକ, ସାହାରପଡା ବ୍ଲକ ସଭାପତି ଯୁଧିଷ୍ଠିର ମହାନ୍ତ, ଶିକ୍ଷକ ନେତା କୃଷ୍ଣ ଚନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ମହାନ୍ତ, ଚିନ୍ମୟ ମିଶ୍ର, ଶ୍ରୀନିବାସ ଶତପଥୀ, ହଳଧର ସାହୁ, ବ୍ରଜେନ୍ଦ୍ର ପତି, ସୁଧାଂଶୁଶେଖର ସାହୁ ଓ ସନାତନ ମହାନ୍ତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତେଲକୋଇ ବ୍ଲକ ଅଧୀନରେ ଥିବା ୩ କଲେଜ ଓ ୧୫ ହାଇସ୍କୁଲର ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ପଞ୍ଚାୟତରେ ଆନ୍ଦୋଳନ ଜାରି ରହିଛି। ୨ ଶହରୁ ଊର୍ଦ୍ଧ୍ୱ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ ଅଧାପକ, କର୍ମଚାରୀ ସାମିଲ ହୋଇଛନ୍ତି। ସଂଯୋଜକ ଚିତ୍ତରଞ୍ଜନ ପଟ୍ଟନାୟକ କହିଛନ୍ତି, ଗୁରୁବାର ବିଧାନସଭା ଘେରାଉ କରାଯିବ।



ତେଲକୋଇରେ ଶିକ୍ଷକଙ୍କ ଆନ୍ଦୋଳନ।



ପାଟଣାରେ ଶିକ୍ଷକ କର୍ମଚାରୀଙ୍କ ରାଲି।




# ପିକ୍‌ଅପ୍ ଧକ୍କାରେ ବାପା ମୃତ ; ମା, ଝିଅ ଗୁରୁତର

ବହଳଦା,୧୯।୯(ଡି.ଏନ.ଏ)

ବହଳଦା ଥାନା ଅନ୍ତର୍ଗତ କାଦୁଆଣି ଛକଠାରେ ବୁଧବାର ଅପରାହ୍ନରେ ଏକ ପିକ୍‌ଅପ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଏଥିରେ ତାଙ୍କ ସ୍ତ୍ରୀ ଓ ଝିଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ବହଳଦା ଥାନା ସୁନାପୋଷି ଗାଁ ର ଅର୍ଜ୍ଜୁନ ହେମ୍ବ୍ରମ୍ (୪୦) । ସେ କୁମ୍ଭୀରଦା ଗାଁରେ ନିଜ ଶଶୁର ଘରେ ରହୁଥିଲେ। ବୁଧବାର ଅର୍ଜ୍ଜୁନ ସ୍ତ୍ରୀ ଦେଉଲା(୩୨)ଓ ଝିଅ ଶାନ୍ତି(୬)ଙ୍କୁ ବାଇକ୍ ଯୋଗେ ନିକଟସ୍ଥ କାଦୁଆଣି ଗାଁକୁ ମନସା ପୂଜା ପାଇଁ ଯାଉଥିଲେ। ମାତ୍ର ରାଇରଙ୍ଗପୁର ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ କାଦୁଆଣି ଛକ ନିକଟରେ ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଅର୍ଜ୍ଜୁନଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ମା' ଝିଅଙ୍କୁ ପ୍ରଥମେ ବହଳଦା ଡାକ୍ତରଖାନା ଓ ପରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ପିକଅପ୍‌ଟି ଘଟଣାସ୍ଥଳରୁ ଖସି ପଳାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ରାସ୍ତାରେ ହମ୍ପସ୍ ନିର୍ମାଣ ଦାବୀ କରି ଉତ୍ତ୍ୟକ୍ତ ଲୋକେ ୨୨୦ ରାଞ୍ଚି-ବିଜୟୱାଡା ରାସ୍ତାର କାଦୁଆଣିଠାରେ ରାସ୍ତାରୋକ କରିଥିଲେ । ଖବର ପାଇ ବାମନଘାଟୀ ଉପଜିଲାପାଳ ଧର୍ମାନନ୍ଦ ବେହେରା,ଏସଡିପିଓ ଅମୂଲ୍ୟ ଧର, ବହଳଦାର ଭାରପ୍ରାପ୍ତ ତହସିଲଦାର ଭୋଳାନାଥ ସେଠୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ । ଉପଜିଲାପାଳ ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ସହାୟତାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା ।

# ମାଛହାଟକୁ ନେଇ ଉତ୍ତେଜନା: ବଜାର ବନ୍ଦ

ତିହିଡି, ୧୯।୯(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ପାଳିଆବିନ୍ଧା ପଞ୍ଚାୟତ ପାଳିଆ ହାଟରେ ବୁଧବାର ମାଛ ହାଟକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କେତେକ ମାଛ ଦୋକାନୀ ନୂଆ ମାଛ ହାଟକୁ ନ ଯାଇ ରାସ୍ତା ଅବରୋଧ କରି ମାଛ ବିକିବାରୁ ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ପାଳିଆ ବଜାର ୫ ଘଣ୍ଟା ଧରି ବନ୍ଦ ରଖାଯାଇଥିଲା। ସରପଞ୍ଚ ଉଷାକାନ୍ତ ନାୟକ ଏ ସମ୍ପର୍କରେ ତିହିଡି ପୋଲିସକୁ ଖବର ଦେଇଥିଲେ। ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଏବଂ ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ରାସ୍ତାପାର୍ଶ୍ୱରେ ମାଛ ଦୋକାନୀ ବସିବେ ନାହିଁ ବୋଲି ସ୍ଥିର ହେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଉଲ୍ଲେଖନୀୟ ଯେ, ପଞ୍ଚାୟତ ପକ୍ଷରୁ ପାଳିଆ ବଜାରଠାରୁ କିଛି ଦୂରରେ ଏକ ନୂଆ ମାଛ ହାଟ କରାଯାଇଛି। କିଛିଦିନ ହେଲା ଦୋକାନୀମାନେ ନୂଆ ହାଟରେ ମାଛ ବିକ୍ରି କରୁଥିଲେ। ଅନ୍ୟ କେତେକ ଦୋକାନୀ ପୁରୁଣା ଜାଗାକୁ ଆସି ମାଛ ବିକିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ